ବାଲେଶ୍ୱରରେ ପହିଲି ରଜ

# ଦୋଳି ଖେଳ, ପିଠା ଓ ରଜପାନରେ ଜମିଲା ଆସର



## ହାତରେ ମେହେନ୍ଦି ମୁଖ୍ୟ ଆକର୍ଷଣ



ବାଲେଶ୍ୱର, ୧୪।୬(ସମିସ): ରଜରେ ପାଦରେ ଅଳତା ପରି ହାତରେ ମେହେନ୍ଦି ବି କରିବା ବି ଏବେ ମୁଖ୍ୟ ଆକର୍ଷଣ। ରଜ ତିନି ଦିନ ସଜବାଜ ହେବା ପାଇଁ ଯୁବତୀମାନେ ଅପେକ୍ଷା କରି ରହିଥାନ୍ତି। ପାନ, ପିଠା, ଦୋଳି, ପାଦରେ ଅଳତା, ନୂଆ ଲୁଗା ସହିତ ହାତରେ ମେହେନ୍ଦି ଲଗାଇ ପାଳନ କରୁଛନ୍ତି ଓଡ଼ିଶାର ଅନନ୍ୟ ରଜ ପର୍ବ। ଝିଅମାନେ ନୂଆ ଡ୍ରେସ୍ ସାଙ୍ଗକୁ ପାଦରେ ଅଳତା ଓ ମଥାରେ ଟିକିଲି ଲଗାଇ ସଜେଇ ହୁଅନ୍ତି। ତେବେ ଏହା ଭିତରେ ହାତରେ ମେହେନ୍ଦି ଭାରି ଆକର୍ଷଣ। ଦୋଳି ବିନା ରଜ ଯେମିତି ଅଧା ସେମିତି ମେହେନ୍ଦି ବିନା ଝିଅଙ୍କ ସଜବାଜ ମଧ୍ୟ ଅଧା। ବିଶେଷକରି କୁଆଁରି ଝିଅମାନେ ରଜରେ ମେହେନ୍ଦି, ଅଳତା ଲଗେଇ ସଜ ହୋଇଥାନ୍ତି। ଶୁକ୍ରବାର ଦିନ ଶେଷ ହୋଇଛି ପହିଲି ରଜ। ଏହି ପହିଲି ରଜକୁ ମଉଜରେ ପାଳନ ପାଇଁ ବାଲେଶ୍ୱର ସହରର ଛୋଟଠୁ ବଡ଼ ଝିଅମାନେ ହାତରେ ମେହେନ୍ଦି ଲଗାଇଛନ୍ତି। ରଜରେ ସଜବାଜ ଆଗ୍ରହକୁ ଲକ୍ଷ୍ୟ କରି ମେହେନ୍ଦି ଏକ ବ୍ୟବସାୟ ପାଲଟିଛି। ବିଭିନ୍ନ ମଲ୍ ସାମ୍ନା, ବିଉଟି ପାର୍ଲର ଏବଂ ମେହେନ୍ଦି କଳାକାରଙ୍କୁ ମେହେନ୍ଦି ପାଇଁ ଅଗ୍ରୀମ ବୁକିଂ ମଧ୍ୟ କରାଯାଇଥିଲା। ଏହାବ୍ୟତୀତ ମେହେନ୍ଦି କଳାକାର ଘରକୁ ଯାଇ ହାତରେ ମେହେନ୍ଦି ଲଗାଇଛନ୍ତି। ରଜ ପାଇଁ ଏହି ମେହେନ୍ଦି କଳାକାରଙ୍କ ବେଶ୍ ଚାହିଦା ବଢ଼ିଛି। ପହିଲି ରଜ ପୂର୍ବଦିନ ଝିଅମାନେ ସଜବାଜ ହୋଇଥାନ୍ତି। ହାତରେ ବିଭିନ୍ନ ଡିଜାଇନ୍‌ର ମେହେନ୍ଦି କରିଥାନ୍ତି। ସଜବାଜ ଦିନ ହାତରେ ମେହେନ୍ଦି କରିବା ପାଇଁ ଅଧିକା ଭିଡ଼ ଲାଗିଥିଲା। ପ୍ରାୟ ୧୦ ଜଣ ଛୋଟ ଓ ବଡ଼ ଝିଅ ମୋ ପାଖରେ ରଜ ପାଇଁ ମେହେନ୍ଦି କରିଛନ୍ତି। ରଜ ପାଇଁ ବିଭିନ୍ନ ଡିଜାଇନ୍‌ର ମେହେନ୍ଦି ତିଆରି କରାଇଛନ୍ତି ହାତରେ। ଛୋଟ ପିଲାଙ୍କର ୧୫୦-୨୦୦ ଟଙ୍କା ଥିବାବେଳେ ବି ପିଲାଙ୍କ ହାତରେ ୩୦୦-୪୦୦ ଟଙ୍କା ମୂଲ୍ୟ ରହିଛି। ରଜରେ ମେହେନ୍ଦି ଚାହିଦା ଆଗ ଅପେକ୍ଷା ଏବେ ବୃଦ୍ଧି ପାଇଛି ବୋଲି ମେହେନ୍ଦି କଳାକାର ଅନୁପମା ଦାସମହାପାତ୍ର କହିଛନ୍ତି। ଏହାବ୍ୟତୀତ ବିଭିନ୍ନ ବିୟୁଟି ପାର୍ଲରରେ ମଧ୍ୟ ରଜରେ ମେହେନ୍ଦି ପାଇଁ ଅଫର୍ ରହିଛି। ୨୦୦ ଟଙ୍କାରୁ ଆରମ୍ଭ କରି ୫୦୦ ଟଙ୍କା ମଧ୍ୟ ମେହେନ୍ଦିର ମୂଲ୍ୟ ରହିଛି। ହାତରେ ବିଭିନ୍ନ ଡିଜାଇନ୍ ମେହେନ୍ଦି କରୁଛନ୍ତି।





ବାଲେଶ୍ୱର, ୧୪।୬(ସମିସ):

ରଜ ପାଇଁ ସବୁଠି ଉତ୍ସାହର ମାହୋଲ। ବିଶେଷ କରି ଏହା ହେଉଛି କୁଆଁରିଙ୍କ ପର୍ବ। ତେବେ ଶୁକ୍ରବାର ଦିନ ସବୁଠି ପାଳନ ହୋଇଛି ପହିଲି ରଜ। ଏଥିପାଇଁ ଝିଅମାନେ ସଜବାଜ ହୋଇ ମଉଜ କରିଛନ୍ତି। କୁନି କୁନି ଝିଅଠୁ ଆରମ୍ଭ କରି ସଭିଏଁ ନୂଆ ଡ୍ରେସ୍ ପିନ୍ଧି ହାତରେ ମେହେନ୍ଦି, ପାଦରେ ଅଳତା, ମୁଣ୍ଡରେ ଚନ୍ଦନ ଟିପା ଲଗାଇ ପାନ ଖାଇ ମଉଜ କରୁଛନ୍ତି। ରଜର ଆଉ ଏକ ଆକର୍ଷଣ ହେଲା ଦୋଳି। ଦୋଳି ବିନା ଯେମିତି ରଜ ପାଳନ ଅଧା। ସେଥିପାଇଁ ପହିଲି ରଜରେ ଝିଅମାନେ ସଜବାଜ ହୋଇ ଦୋଳି ଖେଳୁଛନ୍ତି। ବର୍ଷକୁ ବର୍ଷ ଗାଁରେ ରଜର ମାହଲ ମାନ୍ଦା ହେଉଥିବା ବେଳେ ଚାନ୍ଦିପୁର ପାନ୍ଥନିବାସ ପକ୍ଷରୁ ରଜ ପର୍ବକୁ ବଳବତ୍ତର ରଖିବା ପାଇଁ ପ୍ରତିବର୍ଷ ଜୁନ୍ ୧୪, ୧୫ ଓ ୧୬ ତାରିଖ ଚାନ୍ଦିପୁର ପାନ୍ଥନିବାସରେ ଆନନ୍ଦ ଉଲ୍ଲାସରେ ପାଳିତ ହୁଏ ରଜପର୍ବ। ଏହି ଅବସରରେ ଚଳିତ ବର୍ଷ ମଧ୍ୟ ପହିଲି ରଜ ଦିନ ପାନ୍ଥନିବାସରେ ରଜ ପର୍ବ ପାଳନ ଆରମ୍ଭ ହୋଇଯାଇଛି। ଏଡିଏମ୍ ସୁଧାକର ନାୟକ ଉପସ୍ଥିତ ରହି ରଜ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର ମୋନାଲିସା ଜେନା, ପାନ୍ଥନିବାସ ମ୍ୟାନେଜର ଅରୁଣ ଜେନା, ଡିଟିପିସି ସଦସ୍ୟ ତଥା ସମାଜସେବୀ ସୁବଳ କୁମାର ଜେନା ଓ ପାନ୍ଥନିବାସର



ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏଥିସହିତ ସ୍ୱତନ୍ତ୍ର ପିଠା ଷ୍ଟଲ୍ ମଧ୍ୟ ଆରମ୍ଭ ହୋଇଯାଇଛି। ପହିଲି ରଜ ଦିନ ପର୍ଯ୍ୟଟକ ଓ ସ୍ଥାନୀୟ ଅଞ୍ଚଳର ଝିଅମାନେ ପିଠା ଖାଇବା ସହ ଦୋଳିର ମଜା ନେଇଛନ୍ତି। ୨୦ରୁ ଅଧିକ ଝିଅ ଉପସ୍ଥିତ ରହି ଦୋଳି ଖେଳି ସେଲ୍‌ଫି ଉଠାଇଥିଲେ। ଆଗରୁ ଗାଁ ଆମ୍ବ ତୋଟାରେ ରଜ ଦୋଳି ହେଉଥିଲା। ଦୋଳିକୁ ଆମ୍ବ ପତ୍ର ଓ ଫୁଲରେ ସଜାଯାଉଥିଲା। ଏବେ ଆମ୍ବ ତୋଟା ଦୋଳି ନଥିଲେ ବି ପାନ୍ଥନିବାସରେ ରଜ ଦୋଳିର ମଜା ନେଉଛନ୍ତି ପର୍ଯ୍ୟଟକ ଓ ଗାଁ ଲୋକ। ଘରେ ଘରେ ଯେମିତି ପିଠା, ମିଠା ଓ ପାନର ଆସର ପରି ଚାନ୍ଦିପୁର ପାନ୍ଥନିବାସରେ ମଧ୍ୟ ରକମ ରକମର ପିଠା ତିଆରି ହେଉଛି। ବିଶେଷ ମେନୁରେ ଚକୁଳି, ଇଟିଲି, ପୋଡ଼ପିଠା, ଆରିଷା, କାକେରା, ମଣ୍ଡା, ଧଳା ମଣ୍ଡା ଏବଂ କ୍ଷୀର ଗଜା ଆଦି ସ୍ୱତନ୍ତ୍ର ଷ୍ଟଲ୍‌ରେ ଉପଲବ୍ଧ ହେଉଛି। 'ଚାନ୍ଦିପୁର ପାନ୍ଥନିବାସ ବାଲେଶ୍ୱର ସହରଠୁ ଦୂର ଏବଂ ଗ୍ରାମାଞ୍ଚଳ ମଧ୍ୟରେ ଅବସ୍ଥିତ। ଏବେ ଗାଁ ଗହଳିରେ ରଜ ପାଳନର ଦୃଶ୍ୟ ଦେଖିବାକୁ ମିଳୁନାହିଁ। ଆମେ ଏହି ରଥକୁ ଫେରେଇ ଆଣିବାକୁ ପ୍ରତିବର୍ଷ ତିନି ଦିନ ଧରି ପାଳନ କରୁ। ପର୍ଯ୍ୟଟକ ଓ ସ୍ଥାନୀୟ ଅଞ୍ଚଳର ଲୋକ ଏହି ଉତ୍ସବର ମଜା ନିଅନ୍ତି। ନିକଟରେ ବିଶାଳ ସମୁଦ୍ର ରହିଛି। ଯାହା ବେଶ୍ ମନଲୋଭା ଦୃଶ୍ୟ ପାଲଟେ ଏଠି। ରଜରେ ପିଠା ଓ ସ୍ୱତନ୍ତ୍ର ପାନ ସମସ୍ତଙ୍କୁ ଅଧିକ ପସନ୍ଦ ଆସେ' ବୋଲି ମ୍ୟାନେଜର ଅରୁଣ ଜେନା କହିଛନ୍ତି।



## ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ବରଷକେ ଥରେ ଆସିଛି ରଜ'

- ଗଛରେ ପାରମ୍ପରିକ ବାଉଁଶ ଦୋଳି
- ପୋଡ଼ପିଠା ସହ ମିଠା ପାନର ମଜା

ବାଲେଶ୍ୱର, ୧୪।୬(ସମିସ): ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ 'ରଜ' ଉପଲକ୍ଷେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏକ ଉତ୍ସବର ଆୟୋଜନ ହୋଇଯାଇଛି। 'ରଜ' ଆମ ଓଡ଼ିଆ ଜାତିର ସମ୍ମାନ ଓ ଅନନ୍ୟତାର ପରିଚୟ ଓ ଏହା ପ୍ରକୃତିରାଣୀ, ଧରିତ୍ରୀ ମା' ତଥା ନାରୀକୁ ପୂଜା କରିବା ଏବଂ ସମ୍ମାନ ଜଣାଇବାର ସ୍ୱତନ୍ତ୍ର ପରମ୍ପରା। ଆମକୁ ପ୍ରକୃତି ସହ ଯୋଡ଼ିରଖିବାର ଏହି ମହାନ ପରମ୍ପରାର ଉତ୍ସବ ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଏହି ପର୍ବ ଆଧାରିତ କବିତା ଆସରରେ ବାଲେଶ୍ୱର ତଥା ଆଖପାଖ ଅଞ୍ଚଳର କବିଗଣ ଯୋଗଦେଇ କବିତା ପଠନ କରିଥିଲେ। କବି ଭାଗବତ ଦାସ, କବି ପ୍ରଦୀପ ମିଶ୍ର, କବି ପ୍ରଭାକର, କବି ପ୍ରଦୀପ୍ତ ମିଶ୍ରଙ୍କ ସହ ଅନ୍ୟାନ୍ୟ କବିବୃନ୍ଦ ମାନଙ୍କ କବିତା ବେଶ୍ ପ୍ରଭାବିତ ହୋଇଥିଲା। ଏଥିସହ କୁଳପତି ପ୍ରଫେସର ତ୍ରିପାଠୀ, ପ୍ରଫେସର ଦେବାଶିଷ ପାତ୍ର, ଅଧ୍ୟାପକ ଅନୀଲ ମହାପାତ୍ର, ରବି ନାରାୟଣ ବେହେରା ଓ ଛାତ୍ର ବିଶ୍ୱମ୍ବରଙ୍କ କବିତା ପଠନ ଶ୍ରୋତାମାନଙ୍କୁ ଆନନ୍ଦିତ କରିଥିଲା। ବିଶ୍ୱବିଦ୍ୟାଳୟ ପରିସରରେ ସ୍ନାତକ ପରିଷଦ ସମ୍ମୁଖ ଗଛରେ ପାରମ୍ପରିକ ସାଜସଜ୍ଜା ସହ ବାଉଁଶର ଦୋଳି ବନ୍ଧାଯାଇଥିଲା। ରଜ ପର୍ବର ଏହି ଉତ୍ସବରେ କୁଳପତି ନିଜହାତରେ ସମସ୍ତଙ୍କୁ ପୋଡ଼ପିଠା ବଣ୍ଟନ କରିଥିଲେ। ଏହାପରେ ମ୍ୟୁଜିକ ଚେୟାର୍ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିସହିତ ସମସ୍ତେ ମିଠାପାନ ଖାଇ ନାଚଗୀତ ସହ ଉତ୍ସବର ଭରପୁର ଆନନ୍ଦ ନେଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ, ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ସମସ୍ତ ବିଭାଗ ମୁଖ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀମାନଙ୍କ ସହିତ ଅନେକ ଛାତ୍ରଛାତ୍ରୀ ଏହି ସାମୂହିକ ଉତ୍ସବର ଅଂଶବିଶେଷ ରହିଥିଲେ। ଏହି କାର୍ଯ୍ୟକ୍ରମ ଡକ୍ଟର ଅସୀମ ଅମିତାଭ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା।

## ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ବାଲେଶ୍ୱର, ୧୪।୬(ସମିସ): ବାଲେଶ୍ୱର ସହରର ଫାଣ୍ଡି ଛକ ନିକଟସ୍ଥ ଆଣ୍ଟି କମ୍ପେ୍ଲକ୍ସର ଏକ ଡ୍ରେସ ଦୋକାନ ସମ୍ମୁଖରେ ଜଣେ ଅଜଣା ଯୁବକଙ୍କ ଶବ ବାଲେଶ୍ୱର ସହଦେବଖୁଣ୍ଟା



ପୁଲିସ ଶୁକ୍ରବାର ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ମୃତ ଯୁବକଙ୍କ ବୟସ ପ୍ରାୟ ୨୫/୨୬ ହେବ। ସେ ଏକ ହାଫ ପ୍ୟାଣ୍ଟ ପିନ୍ଧିଛନ୍ତି। ଦେହର ରଙ୍ଗ ଶ୍ୟାମଳ ହେଉଥିବା ବେଳେ ଆଣ୍ଟି କମ୍ପେ୍ଲକ୍ସର ଏକ ଡ୍ରେସ ଦୋକାନ ସମ୍ମୁଖରେ ମୃତ ଅବସ୍ଥାରେ ଶୋଇଥିଲେ। ଆଜି ସକାଳେ ଦୋକାନୀମାନେ ଆସିବା ପରେ ମୃତ ଯୁବକଙ୍କୁ ଦେଖି ଥାନାକୁ ଖବର ଦେଇଥିଲେ। ସହଦେବଖୁଣ୍ଟା ଥାନା ପୁଲିସ ଘଟଣାସ୍ଥଳକୁ ଆସି ଏହି ଅଜଣା ଯୁବକଙ୍କ ମୃତଶରୀର ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ମୁଖ୍ୟ ଡାକ୍ତରଖାନାକୁ ପଠାଇ ଥିଲେ। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ମୃତ ଯୁବକଙ୍କ ପରିଚୟ ମିଳି ନଥିବା ଜଣାଯାଇଛି।

## ତ୍ରିବେଣୀ ତୀର୍ଥରେ ଫକୀରମୋହନଙ୍କ ଶ୍ରାଦ୍ଧୋତ୍ସବ

ବାଲେଶ୍ୱର, ୧୪।୬(ସମିସ): କାଠ ସଂଗଡା ଦୋଳ ଗହୀରା ଓ ଉଡମ୍ବର ଗ୍ରାମର ମିଳିତ ଆନୁକୂଲ୍ୟରେ ସଂକ୍ରାନ୍ତି ପୁରୁଷ ଫକୀରମୋହନ ସେନାପତିଙ୍କ ୧୦୭ତମ ଶ୍ରାଦ୍ଧଦିବସ ତ୍ରିବେଣୀଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି। ପିଠାଦୀଶ ଦୟାନନ୍ଦ ଦାଶ



ମହାରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡା. ସତ୍ୟରଞ୍ଜନ ଦାସ, ବରେଣ୍ୟ ଅତିଥି ଡଃ ଭାଗବତ ପ୍ରସାଦ ଦାସ, କବି ନିରଞ୍ଜନ ସାହୁ, ଡ଼ଃ ରତ୍ନାକର ସିଂହ, କରୁଣାକର ଖଟୁଆ, ଚିତ୍ରଶିଳ୍ପୀ କେଶୁ ଦାସ, କବି ଜୁମର ନାଥ ପାତ୍ର, ଦାମୋଦର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସଂକ୍ରାନ୍ତି ପୁରୁଷଙ୍କର କ୍ରାନ୍ତିକାରୀ ସୃଷ୍ଟି ଉପରେ ବକ୍ତବ୍ୟ ରଖିଥିଲେ। କୁମାରୀ ଶ୍ରାବଣୀ ଓ ବୈଶାଖୀ ଦୁଇ ଭଉଣୀ 'ବନ୍ଦେ ଉତ୍କଳ ଜନନୀ' ଗାଇଥିବା ବେଳେ ଆବାହକ ଅଦ୍ୱିତ୍ୟ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ ଓ ଲକ୍ଷ୍ମଣ କୁମାର ନାୟକ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ସଭା ପ୍ରାରମ୍ଭରେ ତ୍ରିବେଣୀ ଘାଟରେ ପ୍ରଦୀପ୍ତ ମିଶ୍ର, କେଶୁ ଦାସ ଓ ପ୍ରଭାକର ସାହୁ ପ୍ରମୁଖ ତ୍ରିବେଣୀ ସ୍ନାନ ପୂର୍ବକ ସଂକ୍ରାନ୍ତି ପୁରୁଷଙ୍କର ତିଳତର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଫକୀର ମୋହନଙ୍କ ଉପରେ କବିତା ପାଠୋତ୍ସବ ଡଃ. ପ୍ରଦୀପ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ

**ତିଳତର୍ପଣ ଓ କବିତା ପାଠୋତ୍ସବ**

ହୋଇଥିଲା। କବି ଯୋଗେଶ ଚନ୍ଦ୍ର ବେହେରା, ମଧୁସୂଦନ ମାଝୀ, ତପନ ଦାସ, ପ୍ରଦୀପ କୁମାର ମିଶ୍ର, ଚକ୍ରଧର ଦାସ, ଜୟଶ୍ରୀ ମିଶ୍ର, ସୁଲୋଚନା ଦାସ, ରମେଶ ଚନ୍ଦ୍ର ମହାରଣାଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। କବି ନିରଞ୍ଜନ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିବ ପ୍ରସାଦ ଜେନା, ଲକ୍ଷ୍ମୀ ଦାସ, ତ୍ରିଲୋଚନ ସାମଲଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା ସହାୟତା କରିଥିଲେ।



# ବିଦ୍ୟୁତ୍ ଆଘାତରେ ଶ୍ରମିକ ଗୁରୁତର



**ବାରିପଦା, ୧୪।୬(ସମିସ):** ପହିଲି ରଜରେ ମୟୂରଭଞ୍ଜ ଜିଲ୍ଲାରେ ଏକ ଅଘଟଣ ଘଟିଯାଇଛି। ୩୩କେଭି ବିଦ୍ୟୁତ ତାର ତଳେ ଗୃହନିର୍ମାଣ କାର୍ଯ୍ୟ କରୁଥିବା ଜଣେ ଶ୍ରମିକ ବିଦ୍ୟୁତ ଆଘାତରେ ଗୁରୁତର ଆହତ ହୋଇଛନ୍ତି। ଆହତ ଶ୍ରମିକ ଜଣକ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ରସିଦୁର ଶେଖ। ସୂଚନାନୁଯାୟୀ, ବାରିପଦାର କ୍ଷେତ୍ରପାଟଣା ଅଞ୍ଚଳର ମମତା ନାଥଙ୍କ ଘରର ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ତାଙ୍କ ଘର ଉପର ଦେଇ ୩୩ କେଭି ବିଦ୍ୟୁତ ଲାଇନ ତାର ଯାଇଛି। ଶୁକ୍ରବାର ଅପରାହ୍ଣ ସମୟରେ ଘରର ଉପର ତାଲାରେ କାମ ଚାଲୁଥିବା ବେଳେ ବାଉଁଶ ଉଠାଉଥିବା ବେଳେ ଉକ୍ତ ଲାଇନ ତାର ସଂସ୍ପର୍ଶରେ ଆସିଥିଲେ। ଯାହାକୁ ନେଇ ଅଘଟଣ ଘଟି ଯାଇଥିଲା। ଅସାବଧାନତା କାରଣରୁ ବିଦ୍ୟୁତ ଆଘାତରେ ଗୁରୁତର ଭାବେ ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ବର୍ତ୍ତମାନ ସେ ସୁସ୍ଥ ଅଛନ୍ତି। ଅଘଟଣ ପାଇଁ ବାରିପଦା ସହର ସମେତ ପୂର୍ବ ମୟୂରଭଞ୍ଜରେ ପ୍ରାୟ ଦେଢଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ ସେବା ବ୍ୟାହତ ହୋଇଥିଲା। ଦ୍ୱିପ୍ରହର ସମୟ ଓ ପହିଲି ରଜରେ ଦୀର୍ଘ ସମୟ ଧରି ବିଦ୍ୟୁତ ସେବା ବ୍ୟାହାତ ହେବା ଫଳରେ ନାହିଁ ନଥିବା ସ୍ଥିତି ଉପୁଜିଥିଲା। ତେବେ ବିଦ୍ୟୁତ ଲାଇନ ତଳେ କାମ ହେଉଥିବା ବେଳେ କୌଣସି ପ୍ରକାର ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏଭଳି ଅଘଟଣ ଘଟିଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।

**ଦେଢ଼ଘଣ୍ଟା ଧରି ବିଦ୍ୟୁତ୍ ଯୋଗାଣ ବ୍ୟାହତ**

# ବାଲି ବୋଝେଇ ଟ୍ରାକ୍ଟର ଜବତ

**ବାରିପଦା, ୧୪।୬(ସମିସ):** ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ବାରିପଦା ଟାଉନ ଥାନା ପୁଲିସ ଦ୍ୱାରା ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଏଥି ସହିତ ଜଣକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ମହୁଲକରକଚିଆ ଅଞ୍ଚଳର ଟୁନା ନାଏକ। ବାରିପଦା ସଂଲଗ୍ନ ବୁଢ଼ାବଳଙ୍ଗ ନଦୀରୁ ପ୍ରତିଦିନ ବିପୁଳ ପରିମାଣର ବାଲି ଚୋରା ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନିୟନ୍ତ୍ରଣ କରିବାରେ ରାଜସ୍ୱ ଓ ଖଣି ବିଭାଗ ଫେଲ୍ ମାରିଛି। ତେବେ ବାରିପଦା ଟାଉନ ଥାନା ପୁଲିସ ପକ୍ଷରୁ ନିୟମିତ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ପାଟ୍ରୋଲିଂ ସମୟରେ ବାଘଡ଼ିହା ରାସ୍ତାରେ ବାରିପଦା ପଟୁକୁ ଦ୍ରୁତଗତିରେ ଯାଉଥିବାର ଦେଖି ପୁଲିସ ଅଟକାଇ ପଚରା ଉଚରା କରିଥିଲା। ବେଆଇନ ଭାବେ ଲଘୁ ଖଣିଜ ଚୋରା ଚାଲାଣ କରୁଥିବା ଜାଣିବା ପରେ ଟ୍ରାକ୍ଟରକୁ ଜବତ କରାଯାଇଛି। ଏହାକୁ ନେଇ ବାରିପଦା ଟାଉନ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ରଜରେ ଘରେଘରେ ଦୋଳି, ପାନ ଓ ପିଠାର ସମ୍ଭାର



**ବାରିପଦା, ୧୪।୬(ସମିସ)**

ସାରା ରାଜ୍ୟରେ ରଜପର୍ବକୁ ନେଇ ଉତ୍ସବର ମାହୋଲ ରହିଛି। ସବୁଠି ଧୁମଧାମରେ ରଜ ପର୍ବକୁ ଲୋକେ ପାଳନ କରୁଛନ୍ତି। ତେବେ ଇତି ମଧ୍ୟରେ ଶୁକ୍ରବାର ଆମିଷ ବାରରେ ପହିଲି ରଜ ପଡ଼ିଥିବା ବେଳେ ଆମିଷ ବଜାରରେ ଭିଡ଼ ଜମିଛି। ଶନିବାର ସଂକ୍ରାନ୍ତି ଥିବାରୁ ଲୋକେ ଆମିଷ ଖାଇବେ ନାହିଁ। ତେଣୁକରି ଶୁକ୍ରବାର ପହିଲି ରଜ ଓ ରବିବାର ଶେଷ ରଜ ପଡୁଥିବାରୁ ତାହାକୁ ନେଇ ଭିଡ଼ ପରିଲକ୍ଷିତ ହେଉଛି। ଆଉ ଆମିଷ ବ୍ୟବସାୟୀ ମାନେ ଭଲ ବେପାର ହେବାର ଆଶାରେ ରହିଛନ୍ତି। ତେବେ ଏହାକୁ ନେଇ ଆମିଷ ବଜାରରେ ଦରଦାମ ମଧ୍ୟ କିଛି ମାତ୍ରାରେ ବୃଦ୍ଧି ପାଇଛି। ବାରିପଦା ସହରର କଚେରୀ ପରିବା ମାର୍କେଟ, ପୁଲିସ ଲାଇନ, ପୋଡ଼ା ଅସ୍ତିଆ ସମେତ ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ଥିବା ଆମିଷ ଦୋକାନରେ ସକାଳୁ ସକାଳୁ ଲୋକଙ୍କ ପ୍ରବଳ ଗହଳି ରହିଥିଲା। ରଜ ସମେତ ଅନ୍ୟାନ୍ୟ ଛୁଟି ମିଶି ଶୁକ୍ରବାର ଠାରୁ ସୋମବାର ପର୍ଯ୍ୟନ୍ତ ଲଗାତାର ଛୁଟି ଥିବାବେଳେ ବାହାରେ ଥିବା ଚାକିରିଆମାନେ ଘରକୁ ଫେରିଛନ୍ତି। ଆଉ ସମସ୍ତେ ମିଶି ପରିବାର ସଦସ୍ୟ ପହିଲି ରଜରେ ଆମିଷ ଖାଇବାକୁ ନେଇ ଦୋକାନରେ ଭିଡ଼ ଲାଗିଥିବା ବେଳେ ଘଣ୍ଟା ଘଣ୍ଟା ଧରି ଲୋକେ ଅପେକ୍ଷା କରି ରହିଥିଲେ। ଆମିଷ ବଜାରରେ କିଲୋ ପ୍ରତି ବ୍ରୟଲର ଚିକେନ ୨୫୦ଟଙ୍କା, ଦେଶୀ ଚିକେନ ୪୫୦ରୁ ୫୦୦ଟଙ୍କା, ମଟନ ୭୫୦ରୁ ୮୦୦ଟଙ୍କା, ଚିଙ୍ଗୁଡ଼ି ୫୦୦ଟଙ୍କା, ମାଛ ୨୦୦ରୁ ୨୫୦ଟଙ୍କା ରହିଛି। ରଜକୁ ନେଇ ଘରେ ଘରେ ଦୋଳି ସହ ପାନ ଏବଂ ବିଭିନ୍ନ ପ୍ରକାର ପିଠାର ସମ୍ଭାର ଦେଖିବାକୁ ମିଳିଛି। ରଜ ପାଇଁ ଘରକୁ ବନ୍ଧବର୍ଗ ଓ ସମ୍ପର୍କୀୟ ମାନେ ଆସୁଥିବା ବେଳେ ପୋଡ଼ ପିଠା ସମେତ ଅନ୍ୟାନ୍ୟ ପିଠା ପଣା ପାଇଁ ପ୍ରସ୍ତୁତି ପହିଲି ରଜରୁ ଆରମ୍ଭ ହୋଇଯାଇଛି।

**ଆମିଷ ମାର୍କେଟରେ ଭିଡ଼**



# ଯୌତୁକ ନିର୍ଯାତନା ଅଭିଯୋଗ

**ବାରିପଦା, ୧୪।୬(ସମିସ):** ଅଧିକ ଯୌତୁକ ଆଶାରେ ବଧୂକୁ ନିର୍ଯାତନା ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଦେଉଳସାହି ଅଞ୍ଚଳର ରାଜେଶ୍ୱରୀ ପାତ୍ର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସେ ଗତ ୭ବର୍ଷ ପୂର୍ବେ ବ୍ରଜମୋହନ ପାତ୍ରଙ୍କୁ ହିନ୍ଦୁ ରୀତିନୀତି ଅନୁଯାୟୀ ବିବାହ କରିଥିଲେ। ବିବାହର ପରେ ତାଙ୍କ ସ୍ୱାମୀ ଓ ଶାଶୁ ଘର ଲୋକେ ତାଙ୍କୁ ମାରପିଟ କରିବା ସହ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିଲେ। ଶାଶୁ ଘର ଲୋକେ ତାଙ୍କୁ ଅଧିକ ୫ଲକ୍ଷ ଟଙ୍କାର ଯୌତୁକ ଆଣିବା ପାଇଁ ବାରମ୍ବାର ନିର୍ଯାତନା ଦେଉଥିଲେ। ଅଧିକ ଅର୍ଥ ଯୌତୁକ ଆକାରରେ ନଆଣିଲେ ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ। ଏହାକୁ ନେଇ ମାରପିଟ କରିବା ସହ କିରୋସିନ ଢ଼ାଳି ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ତେବେ ସେ ଯୌତୁକ ଅର୍ଥ ଆଣିବାକୁ ଅମଙ୍ଗ ହେବାରୁ ତାଙ୍କୁ ଶାଶୁ ଘର ଲୋକେ ମାରପିଟ କରୁଥିଲେ। ଏଥିପରେ ସେ ଯୌତୁକ ନେଇ ନିର୍ଯାତନା ବାବଦରେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ବାରିପଦା ଟାଉନ ଥାନାରେ ଏକ ଯୌତୁକ ନିର୍ଯ୍ୟାତନା ନେଇ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟା ଜାରି ରହିଛି।

# ଧୁମ୍‌ଧାମ୍‌ରେ ପହିଲି ରଜ ପାଳିତ

**କରଞ୍ଜିଆ, ୧୪।୬(ସମିସ):** ଦୁଇ ବର୍ଷ ହେଲା ରଜ ପର୍ବ ଫିକା ପଡ଼ିଥିଲା ହେଲେ ଚଳିତ ରଜ ଧୂମଧାମରେ ପାଳିତ ହେବ ବୋଲି ରଜ ମହୋତ୍ସବ କମିଟି ସମ୍ପାଦକ କାଳୀ ମାଟିଆ ସୂଚନା ଦେଇଛଅନ୍ତି। ପରମ୍ପରା ଅନୁଯାୟୀ ରଜ ମହୋତ୍ସବ ଓଡ଼ିଶାର ପୁର ପଲ୍ଲୀ ରେ ତିନିଦିନ ପାଳିତ ହେବ। ଘରେ ଘରେ ପାନ, ପୋଡ଼ ପିଠା ଓ ନୂଆ ଲୁଗା ପରିଧାନକରି ଗୋଡ଼ରେ ଅଲତା ଓ ହାତରେ ମେହେନ୍ଦି ଲଗାଇ ପିଠା, ମିଠା ଖାଇ ଦୋଳି ଖେଳି ରଜର ମଜା ଝିଅ ଓ ମହିଳାମାନେ ନେବାର ଦେଖିବାକୁ ମିଳିଥିଲା। ଶରଧା ରଜ ମହୋତ୍ସବ କମିଟି ଦ୍ୱାରା ରଜବତୀ ବିବାହ କାର୍ଯ୍ୟକ୍ରମ ପାଇଁ ଆଜି କୁଆରୀକନ୍ୟାମାନେ ସାଜ ସଜା ହୋଇ ଦେଓ ନଦୀରୁ ରଜବତୀଙ୍କୁ ଆହ୍ୱାନ କରିଛନ୍ତି। ପହଲି ରଜରେ ରଜ ବତୀକୁ ଆବାହନ କରି ଏକ ନିରୋଳା ସ୍ଥାନରେ ସମସ୍ତ କୁମାରୀ ପୂଜା କରିଥିଲେ। ପୂଜା ପାଠ ସାରି ମହିଳାମାନେ ରଜ ଗୀତ ଗାଇ ଦୋଳି ଖେଳିଥିଲେ। ପରମ୍ପରା ଅନୁଯାୟୀ ମହିଳାମାନେ ଭୂଇଁ ସ୍ପର୍ଶ କରିବେ ନାହିଁ ତିନିଦିନ ପରେ ରଜବତୀଙ୍କୁ ପାଣିରେ ବିସର୍ଜନ କରିବା ପରେ ସ୍ୱାଭାବିକ ହେବେ ମହିଳା, ରଜ ମହୋତ୍ସବ ସ୍ଥଳିକୁ ପୁରୁଷ ମନା ଥାଏ ବୋଲି ଶରଧା ରଜ ପାଳନ କମିଟିର ସମ୍ପାଦକ କାଳୀ ମାଟିଆ ସୂଚନା ଦେଇଛନ୍ତି।

# ପାଣି ପାଇଁ ପମ୍ପ୍‌ହାଉସ୍‌ରେ ତାଲା ପକାଇଲେ ଗ୍ରାମବାସୀ

**ମୋରଡ଼ା, ୧୪।୬(ସମିସ):** ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ବ୍ଲକ ଅନ୍ତର୍ଗତ କୋହି ପଞ୍ଚାୟତର ହାଣ୍ଡିଭଙ୍ଗା ଗାଁରେ ବର୍ତ୍ତମାନ ପାନୀୟ ଜଳର ସଂକଟ ଦେଖାଦେଇଛି। ଦୀର୍ଘ ଛଅ ମାସ ହେଲା ନଳକୂପ ଅଚଳ ଯୋଗୁଁ ଲୋକମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ଯାହାଫଳରେ ପାଣି ପାଇଁ ପମ୍ପ ହାଉସରେ ଉତ୍ୟକ୍ତ ମହିଳା ମାନେ ତାଲା ପକାଇଚନ୍ତି। ସୂଚନାନୁସାରେ କୋହି ପଞ୍ଚାୟତର ହାଣ୍ଡିଭଙ୍ଗା ଗ୍ରାମଟି ଭାରତ ସରକାରଙ୍କ ଦ୍ୱାରା ଆଦର୍ଶ ଗ୍ରାମ ଭାବରେ ଅନୁମୋଦିତ ହୋଇଥିବା ବେଳେ ତତସହିତ ଗୋଟେ ରେଭିନ୍ୟୁ ଗ୍ରାମ ଭାବରେ ବିବେଚିତ। ଉକ୍ତ ଗ୍ରାମରେ ୧୭୦ପରିବାରରେ ପାଖାପାଖି ୭୦୦ଲୋକେ ବସବାସ କରୁଥିଲେ ମଧ୍ୟ ଗ୍ରାମରେ ଆଜି ପର୍ଯ୍ୟନ୍ତ ଗୋଟେ ପାଣି ଟାଙ୍କିଟିଏ ହୋଇପାରିନି। ଅନ୍ୟ ଗ୍ରାମ ପାଣି ଟାଙ୍କି ଉପରେ ଉକ୍ତ ଗ୍ରାମର ଲୋକେ ନିର୍ଭର କରନ୍ତି। ତେବେ ପାଣିପମ୍ପ ଅପରେଟରଙ୍କ ମନମୁଖୀ କାର୍ଯ୍ୟ ଓ ବୈମାତୃକ ମନଭାବ ପାଇଁ ଉକ୍ତ ଗ୍ରାମର ଲୋକେ ପାଣି ପାଇବାରୁ ବଞ୍ଚିତ ହୋଉଛନ୍ତି। ପାଣି ପାଇଁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ନିଦା ବିଷ୍ଣୁ ସାଜିଛି। ଯାହାକୁ କେନ୍ଦ୍ର କରି ଆଜି ସକାଳୁ ଗ୍ରାମର ମହିଳାମାନେ ପମ୍ପ ହାଉସରେ ତାଲା ପକାଇବା ସହିତ ନିଜ ଗ୍ରାମରେ ଏକ ସତନ୍ତ୍ର ପାଣି ଟାଙ୍କି ପାଇଁ ସରକାରଙ୍କ ପାଖରେ ଦାବି ଜଣାଇଛନ୍ତି।



**ଗାଁରେ ପାଣିଟାଙ୍କି ନିର୍ମାଣ ପାଇଁ ଦାବି**

# ବିଶ୍ୱ ରକ୍ତଦାତା ଦିବସ ପାଳିତ

**ରାଇରଙ୍ଗପୁର, ୧୪।୬(ସମିସ):** ଉପଖଣ୍ଡ ଚିକିତ୍ସାଳୟ ପରିସରରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଉପଖଣ୍ଡ ଚିକିତ୍ସାଧିକାରୀ ରବୀନ୍ଦ୍ର ନାଥ ମାରାଣ୍ଡି ଯୋଗ ଦେଇ ରକ୍ତଦାନ ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ବିଜୟକୁମାର ରାମ ସଭା ପରିଚାଳନା କରିଥିଲେ। ସଭାଶେଷରେ ଡଃ ସ୍ମିତା ବିରୁଆ ଧନ୍ୟବାଦ ଦେଇଥିଲେ। ତାଙ୍କ ସହିତ ଡଃ ଦେବେନ୍ଦ୍ର ଟୁଡୁ, ଡଃ ପ୍ରଦୀପ କୁମାର ସାହୁ ସହିତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ପରବର୍ତ୍ତୀ ସମୟରେ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ମୋଟ ୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ଯୁବକଙ୍କୁ ଆକ୍ରମଣ ସହିତ ମହିଳାଙ୍କୁ ଅପହରଣ ଅଭିଯୋଗ

**ମୋରଡ଼ା, ୧୪।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ କୁଣ୍ଡେଇ ଗ୍ରାମରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ତାଙ୍କ ପରିବାରର ୨୧ବର୍ଷୀୟ ଜଣେ ମହିଳାଙ୍କୁ ଅପହରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ତେବେ ଆହତ ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ସନ୍ତୋଷ ମହାନ୍ତ। ତେବେ ସନ୍ତୋଷଙ୍କ ଶଶୁର ରଘୁ ମହାନ୍ତଙ୍କ ସୂଚନା ମୁତାବକ ଗୁରୁବାର ମଧ୍ୟରାତିରେ ମୋରଡ଼ା ଥାନା ଅଧୀନ ଗଡ଼ିଗାଁ ପଞ୍ଚାୟତର କୁଣ୍ଡେଇ ଗ୍ରାମର ସନ୍ତୋଷ ମହାନ୍ତ ତାଙ୍କ ପରିବାର ଲୋକଙ୍କ ସହିତ ଶୋଇଥିବା ସମୟରେ କିଛି ଯୁବକ ତାଙ୍କ ଘରକୁ ହାତୀ ଘୋଉଡ଼ାଇବାଆଳରେଆସି ତାଙ୍କୁ ଡାକିଥିଲେ। ସନ୍ତୋଷ ବାହାରକୁ ଆସିବା ମାତ୍ରେ ୧୦ରୁ ୧୨ ଜଣ ଯୁବକ ଏକ ଭୁଜାଲି ଓ କିଛି ମାରାଣାସ୍ତ୍ରରେ ଆକ୍ରମଣ କରିଥିଲା। ଦୁର୍ବୃତ୍ତମାନେ ସନ୍ତୋଷଙ୍କ ହାତରେ ଭୁଜାଲି ମାରିବା ସହିତ ତାଙ୍କ ମୁଣ୍ଡ ଓ ଆଖିରେ ଆକ୍ରମଣ କରିବା ଫଳରେ ସନ୍ତୋଷ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ପରିବାରର ଜଣେ ୨୧ ବର୍ଷୀୟା ମହିଳାଙ୍କୁ ଅପହରଣ କରିଥିବାର ଜ୍ୟୋତ୍ସ୍ନାରାଣୀ ମହାନ୍ତ ଥାନାରେ ଲିଖିତ କରିଛନ୍ତି। ଏନେଇ ମୋରଡ଼ା ଥାନା ଅଧିକାରୀ ସତ୍ୟନାରାୟଣ ବଳଙ୍କୁ ପଚାରିବାରୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା କହିଛନ୍ତି।

# ରଜପାନ ପାଇଁ ଦୋକାନରେ ଜମୁଛି ଭିଡ଼

**ମୋରଡ଼ା, ୧୪।୬(ସମିସ)**

ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ଅଞ୍ଚଳରେ ଚଳିତବର୍ଷ ଧୁମ୍‌ଧାମ୍‌ରେ ପହିଲି ରଜ ପାଳିତ ହୋଇଯାଇଛି। ରଜ ପର୍ବ ଓଡ଼ିଶାର ଅନେକ ପର୍ବ ମଧ୍ୟରୁ ଏକ ନିଆରା ଓ ଅନ୍ୟତମ ପର୍ବ। ବିଶେଷ କରି ଗ୍ରାମାଞ୍ଚଳରେ ଥିବା କୁଆଁରୀ ଝିଅମାନେ ସକାଳୁ ଉଠି ସଜବାଜ ହୋଇ ନୂଆ ଡ୍ରେସ୍ ପିନ୍ଧି ହାତରେ ମେହେନ୍ଦି, ପାଦରେ ଅଳତା, ମୁଣ୍ଡରେ ଚନ୍ଦନ ଟିପା ଲଗାଇ, ପିଠା ପଣା ଓ ତା'ସାଙ୍ଗକୁ ମିଠା ପାନ ଖାଇ ଓ ରଜ ଦୋଳିରେ ଖେଳି ତିନିଦିନ ଧରି ଖୁବ୍ ଆନନ୍ଦ ଉଠାଇଥାନ୍ତି। ପହିଲି ରଜ, ରଜ ସଂକ୍ରାନ୍ତି ଓ ବସୁମତୀ ସ୍ନାନ ନସରିବା ପର୍ଯ୍ୟନ୍ତ ଝିଅମାନେ କୌଣସି କାମ ନ କରି ନାଚ ଗୀତରେ ରଜପର୍ବକୁ ଆନନ୍ଦର ସହ ପାଳନ କରିଥାନ୍ତି। ମୋରଡ଼ା ବ୍ଲକର ବିଭିନ୍ନ ଗାଁରେ ଏହି ରଜ ପର୍ବ ଅନୁଷ୍ଠିତ ହୋଇଯାଇଛି। ତେବେ ଖାସ କରି ଦେଖିବାକୁ ଗଲେ ରଜରେ ମହିଳା ଠୁ ପୁରୁଷ ସମସ୍ତେ ରାଜପାନ ଖାଇ ଦୋଳି ଖେଳୁଥିବାର ମିଳିଛି। ମୋରଡ଼ା ବ୍ଲକର ସଦର ମହକୁମା ଚିତ୍ରଡ଼ା ବଜାରରେ ଥିବା ସାଗର ଜେନାଙ୍କ ପାନ ଦୋକାନରେ ରଜ ପାନ ପାଇଁ ଗ୍ରାହକଙ୍କ ଲମ୍ବା ଲାଇନ ଲାଗିଥିବାର ଦେଖିବାକୁ ମିଳିଛି। ବନାରସି ମସଲା ପାନ ସହିତ କଲିକତାର ସ୍ପେଶାଲ ମସଲା ପାନ ତିଆରି କରି ଗ୍ରାହକଙ୍କୁ ପରସୁଛନ୍ତି ଭିଟୁ ଭାଇ ବା ସାଗର ଜେନା। ତେବେ ଦୋକାନୀଙ୍କ କହିବା ମୁତାବକ ଆୟୁର୍ବେଦ ଶାସ୍ତ୍ର ଅନୁସାରେ ପାନ ଜୀର୍ଣ୍ଣକାରକ ଏବଂ କୃମିନାଶକ। ପାନରେ ଦିଆଯାଉଥିବା ଚୂନ ଲୌହଶକ୍ତି ପୂର୍ଣ୍ଣ ଓ ଖଇର ଦାନ୍ତକୁ ମଜବୁତ କରିଥାଏ। ରଜପାନର ମହକ ସାରାବର୍ଷର ପାନକୁ ବଳିଯାଏ। ତେବେ ରଜପାନରେ ଗୁଆ, ଅଳେଇଚ, ଗୁଜୁରାତି, ଭଜା ଧଣିଆ, ନଡ଼ିଆ ଖଣ୍ଡ, ଚେରି, ଲବଙ୍ଗ, କବାବଚିନି, ଚୁଆ, ପାନ ମହୁରି, ସୁବାସିତ ଜାଫ୍ରାନ୍ କେଶର, ଖଇର ପରି ୧୨ରୁ ୧୫ ପ୍ରକାର ମସଲା ଦେଇ ତ୍ରିଭଙ୍ଗି, ଚଉଭଙ୍ଗି ଆକୃତି ଦେଇ ଉପରେ ଲବଙ୍ଗ ଖୋସି ଅତି ସୁନ୍ଦର ଭାବେ ଭଙ୍ଗାଯାଇ ଥାଳିରେ ସଜାଇ ଦିଆଯାଏ। ଗୋଟିଏ ପାନର ମୂଲ୍ୟ କୋଡ଼ିଏ ଟଙ୍କା ରହିଛି କିନ୍ତୁ ଲୋକେ ଏହାକୁ କିଣି ନେଉଛନ୍ତି। ସାଧାରଣ ଦିନର ପାନଠାରୁ ରଜପାନର ସ୍ୱାଦ ନିଆରା ହୋଇଥାଏ ତେବେ ରଜ ଆସିଲେ ବଜାରରେ ମଧ୍ୟ ପାନର ଦର ବଢ଼ିଯାଉଥିବାର ପରିଲକ୍ଷିତ ହେଉଛି।






**ବନାରସୀ ପାନ ସାଙ୍ଗକୁ କଲିକତାର ସ୍ପେଶାଲ ମସଲା ପାନ**







# ଝିଅର ଜନ୍ମଦିନରେ ରକ୍ତଦାନ ସହ ବୃକ୍ଷରୋପଣ କଲେ ପିତାମାତା



**ବାରିପଦା, ୧୪।୬(ସମିସ):** ପୁଅଝିଅର ଜନ୍ମଦିନକୁ ପରିବାର ଓ ବନ୍ଧୁମାନଙ୍କ ଗହଣରେ ସାଧାରଣତଃ ସମସ୍ତେ ପାଳନ କରିଥାନ୍ତି। ମାତ୍ର ଝିଅର ଜନ୍ମଦିନରେ ପିତାମାତା ଉଭୟେ ରକ୍ତଦାନ କରିବା ସହ ବୃକ୍ଷରୋପଣ କରି ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସରସକଣା ବ୍ଲକ ଅନ୍ତର୍ଗତ ରାଜାଲୋକା ନିବାସୀ ସରୋଜ କୁମାର ସାହୁ ଶୁଳିଆପଦା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ତାଙ୍କର ଏକ ମାତ୍ର ଝିଅ ଏସ କିରଣର ଜନ୍ମଦିନରେ ନିଜ ପତ୍ନୀ ନିବେଦିତା ସାହୁଙ୍କ ସହ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ତତସହିତ ଝିଅ ସହିତ ତଥା ନାରାୟଣ ସେବା ଟ୍ରଷ୍ଟର ସଦସ୍ୟମାନଙ୍କ ସହାୟତାରେ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ରକ୍ତଦାନ ପାଇଁ ରକ୍ତ ଭଣ୍ଡାର ଅଧିକାରୀ ସୌମ୍ୟ ରଞ୍ଜନ ନାୟକ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ନାରାୟଣ ସେବା ଟ୍ରଷ୍ଟ ତରଫରୁ ଡଃ. ନିରୋଜ କୁମାର ସାହୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ସମାଜସେବୀ ସୋମନାଥ ସିଂହଙ୍କ ସହାୟତାରେ ଉଭୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରତାପେଶ୍ୱର ଦାଶ, ରାଜେଶ କୁମାର ନନ୍ଦୀ, ରଣଜିତ ଦାସ, ରାଜେଶ କୁମାର ଦ୍ୱିବେଦୀ, ଧୃବେନ୍ଦ୍ର ଦାସ ଓ ବିଶ୍ୱକର୍ମା ଡାକୁଆ ଉପସ୍ଥିତ ଥିଲେ।



ଲକ୍ଷ୍ୟଧାର୍ଯ୍ୟ କଲା ଜିଲ୍ଲା କୃଷି ବିଭାଗ

# ୨.୨୬ ଲକ୍ଷ ହେକ୍ଟର ଜମିରେ ହେବ ଖରିଫ ଚାଷ

ବାଲେଶ୍ୱର, ୧୪।୬(ସମିସ):

ଗତ ଦୁଇ ଦଶନ୍ଧି ପୂର୍ବରୁ ବାଲେଶ୍ୱର ଜିଲ୍ଲାରେ ତିନି ଲକ୍ଷରୁ ଊର୍ଦ୍ଧ୍ୱ ହେକ୍ଟର ଚାଷ ଜମିରେ ଖରିଫ ଧାନ ଫସଲ ହେଉଥିଲା। ହେଲେ ବର୍ତ୍ତମାନ ଦୁଇ ଲକ୍ଷ ହେକ୍ଟର ମଧ୍ୟ ଖରିଫ ଫସଲ ହେଉନାହିଁ। ଅନିୟମିତ ବର୍ଷା ହେବା, ଅମଳ ସମୟରେ ସାଇକ୍ଲୋନ ହେବା ଓ ଧାନର ବିକ୍ରି ମୂଲ୍ୟ ବୃଦ୍ଧି ନପାଇବା ପ୍ରଭୃତି କାରଣକୁ ନେଇ ପ୍ରତିବର୍ଷ ଧାନ ଚାଷରେ କ୍ଷତି ସହି ଆସୁଛନ୍ତି ଚାଷୀ। ମାତ୍ର ଗତ ବର୍ଷ ଖରିଫ ଋତୁ ଚାଷ ପାଇଁ ପାଣିପାଗ ଭଲ ସୁହାଇଥିଲା। ଫଳରେ ଚାଷୀମାନେ ଗତବର୍ଷ ଅଧିକ ପରିମାଣରେ ଧାନ ସହିତ ପରିବା ଓ ଅନ୍ୟ ଶସ୍ୟ ଜାତୀୟ ଚାଷ କରି ଭଲ ଅମଳ କରିଥିଲେ। ଯେଉଁଥିପାଇଁ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଚାଷୀମାନଙ୍କର ଖରିଫ ଧାନ ଫସଲ ପ୍ରତି ଆଗ୍ରହ ବଢ଼ିଥିବା ଯୋଗୁ ଚଳିତ ବର୍ଷ ଜିଲ୍ଲାରେ ଅଧିକ ହେକ୍ଟର ଜମିରେ ଖରିଫ ଋତୁ ଚାଷ ହେଉଥିବାର ଜଣାଯାଇଛି।

ଜିଲ୍ଲା କୃଷି ବିଭାଗ ସୂତ୍ରରୁ ଜଣାଯାଇଛି, ଚଳିତ ବର୍ଷ ଜିଲ୍ଲାରେ ମୋଟ ୨ ଲକ୍ଷ ୨୬ ହଜାର ହେକ୍ଟର ଜମିରେ ଖରିଫ ଋତୁ ଚାଷ କରାଯିବାର ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ତେବେ ଗତ ବର୍ଷ ଜିଲ୍ଲାରେ ମୋଟ ୧ଲକ୍ଷ ୭୦ହଜାର ୮୪ହେକ୍ଟର ଚାଷ ଜମିରେ ଚାଷୀମାନେ ଖରିଫ ଚାଷ କରିଥିଲେ। ସେଥିରୁ ୧ ଲକ୍ଷ ଅଣ ୬୦ ହଜାର ୨୪୪ହେକ୍ଟର ଜମିରେ ଏଚୱାଇଭି ଧାନ ଏବଂ ୭୯୪୦ ହେକ୍ଟର ଜମିରେ ଦେଶୀ ଧାନ ଓ ୨୯୦୦ ଜମିରେ ହାଇବ୍ରିଡ଼ ଧାନ ଚାଷ କରାଯାଇ ଥିଲା। ମାତ୍ର ଚଳିତ ବର୍ଷ ଏହି ଜିଲ୍ଲାରେ ୧ଲକ୍ଷ ୯୬ ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥି ମଧ୍ୟରୁ ୧ ଲକ୍ଷ ୮୬ହଜାର ୪ ଶହ ହେକ୍ଟର ଜମିରେ ଏଚୱାଇଭି ଧାନ, ୮ ହଜାର ହେକ୍ଟର ଜମିରେ ଦେଶୀଧାନ ଏବଂ ୨ ହଜାର ୬ଶହ ହେକ୍ଟର ଜମିରେ ହାଇବ୍ରିଡ ଧାନ ଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାବାଦ ଖରିଫ ଋତୁରେ ମକା, ରାଶି, ଯଅ, ବାଜରା, ହରଡ଼ ପ୍ରଭୃତି ଡାଲି ଜାତୀୟ ଶସ୍ୟ ମଧ୍ୟ ଏହି ଜିଲ୍ଲାରେ କରାଯାଇ ଥାଏ। ସେହିଭଳି ଝୋଟ ଚାଷ ସହିତ ଆଳୁ ଲଙ୍କା ଓ ହଳଦୀ ପ୍ରଭୃତି ଚାଷ ଏହି ଖରିଫ ଋତୁରେ କରାଯାଇ ଥାଏ। ଜିଲ୍ଲାରେ ଗତବର୍ଷ ୫୩ ହେକ୍ଟର ଜମିରେ ମକା ଚାଷ କରାଯାଇଥିଲା। ମାତ୍ର ଏବର୍ଷ ୧ଶହ ହେକ୍ଟର ଜମିରେ ମକା ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ପୁଣି ଗତ ବର୍ଷ ଜିଲ୍ଲାର ୧୨୦ ହେକ୍ଟର ଜମିରେ ରାଶି ଚାଷ କରାଯାଇଥିଲା। ଏବର୍ଷ ୪ଶହ ହେକ୍ଟର ଜମିରେ ରାଶି ଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ଗତ ବର୍ଷ ୪୮ ହେକ୍ଟର ଜମିରେ ବାଜରା ଚାଷ ହେଇଥିଲା। ମାତ୍ର ଜିଲ୍ଲାର ଚାଷୀମାନେ ଏହି ଚାଷ କରିବା ପାଇଁ ରାଜି ହେଉନଥିବା ଯୋଗୁ ଚଳିତ ବର୍ଷ ବାଜରା ଚାଷ ନକରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଗତବର୍ଷ ୧୧୬ ହେକ୍ଟର ଜମିରେ ହରଡ଼ ଚାଷ କରାଯାଇଥିଲା। ଚଳିତ ଖରିଫ ଋତୁରେ ୧୧୫ହେକ୍ଟର ଜମିରେ ହରଡ଼ ଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଗତ ବର୍ଷ ୬୦ହେକ୍ଟର ଜମିରେ ଡାଲି ଜାତୀୟ ଫସଲ କରାଯାଇ ଥିଲା। ମାତ୍ର ଚଳିତ ବର୍ଷ ୫୦ ହେକ୍ଟର ଜମିରେ ଡାଲି ଜାତୀୟ ଶସ୍ୟ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ଗତ ବର୍ଷ ୭୫୦ ହେକ୍ଟର ଜମିରେ ଝୋଟ ଚାଷ କରାଯାଇଥିଲା। ଏଥର ୮ଶହ ହେକ୍ଟର ଜମିରେ ଝୋଟ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ଗତ ବର୍ଷ ୯୩ ହେକ୍ଟର ଜମିରେ ଆଳୁ ଚାଷ କରାଯାଇଥିଲା। ଏବର୍ଷ ୧ଶହ ହେକ୍ଟର ଜମିରେ ଆଳୁଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ଗତ ବର୍ଷ ଖରିଫ ଋତୁରେ ଜିଲ୍ଲାର ୧୮ ହଜାର ୧୩୧ହେକ୍ଟର ଜମିରେ ପନିପରିବା ଚାଷ କରାଯାଇଥିଲା। ଏବର୍ଷ ଜିଲ୍ଲାର ୨୦ହଜାର ୬୯୦ହେକ୍ଟର ଜମିରେ ପନିପରିବା ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ସେହିଭଳି ଗତବର୍ଷ ୨୬୫୦ହେକ୍ଟର ଜମିରେ ଲଙ୍କା, ହଳଦୀ ଓ ଅଦା ପ୍ରଭୃତି ଚାଷ କରାଯାଇଥିଲା। ଏବର୍ଷ ଜିଲ୍ଲାରେ ମୋଟ ୨୭୫୦ହେକ୍ଟର ଜମିରେ ଲଙ୍କା, ହଳଦୀ ଓ ଅଦା ଚାଷ କରାଯିବାର ନିଷ୍ପତ୍ତି ନିଆଯାଇଛି। ଗତବର୍ଷ ୪୫ ହେକ୍ଟର ଜମିରେ ଆଖୁ ଚାଷ କରାଯାଇ ଥିଲା। ମାତ୍ର ଚଳିତ ବର୍ଷ ଏହି ଜିଲ୍ଲାରେ ୧ଶହ ହେକ୍ଟର ଜମିରେ ଏହି ଚାଷ କରାଯିବାର ନିଷ୍ପତ୍ତି ନିଆଯାଇ ଥିବା ଜଣାଯାଇଛି। ଏହାବାଦ ଅଣ ଶସ୍ୟ ଚାଷ ଗତ ବର୍ଷ ୨୧ହଜାର୧୩୧ ହେକ୍ଟର ଜମିରେ କରାଯାଇଥିଲା। ହେଲେ ଏବର୍ଷ ୨୨ ହଜାର ୭୫୦ହେକ୍ଟର ଜମିରେ ଅଣ ଶସ୍ୟ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ତେବେ ଚଳିତ ବର୍ଷ ଖରିଫ ଚାଷ କରିବା ପାଇଁ ଚାଷୀମାନେ ପ୍ରାଥମିକ ସ୍ତରରେ ପ୍ରସ୍ତୁତି ସାରିଛନ୍ତି। ମୌସୁମୀ ବର୍ଷା ହେବାରେ ବିଳମ୍ବ ହେଉଥିବା ଯୋଗୁ ଚାଷୀମାନେ ବିଲରେ ଲଙ୍ଗଳ କରିପାରୁ ନଥିବାବେଳେ ତଳି ପକାଇ ପାରି ନାହାନ୍ତି। ବର୍ଷା ହେବାରେ ବିଳମ୍ବ ହେଉଥିବା ଯୋଗୁ ଚାଷୀମାନେ ଡାଲି ଜାତୀୟ ଚାଷ ଆରମ୍ଭ କରିନାହାନ୍ତି। ନିୟମିତ ଭାବେ ଚଳିତ ବର୍ଷ ଯଦି ବର୍ଷା ହୁଏ, ତାହେଲେ ଜିଲ୍ଲାର ଖରିଫ ଧାନ ଫସଲ ସହିତ ଅନ୍ୟାନ୍ୟ ଖରିଫ ଋତୁ ଫସଲ ମଧ୍ୟ ଭଲ ହେବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି।

## ଭୂଧାରଚଣ୍ଡୀଙ୍କ ପୀଠରେ ସରିଲା ନିଆଁପାଟ; ଆଜି ଉଡ଼ାଯାତ୍ରା



ନୀଳଗିରି, ୧୪।୬(ସମିସ): ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଦେବୀପୀଠ ସଜନାଗଡ଼ ସ୍ଥିତ ମା' ଭୂଧାରଚଣ୍ଡୀଙ୍କ ସମ୍ମୁଖରେ ରଜପର୍ବ ଉପଲକ୍ଷେ ଆଜି ନିଆଁପାଟ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ଗତ ୯ ତାରିଖରୁ ଅର୍ଦ୍ଧନାଗେଶ୍ୱର ମୂର୍ତ୍ତିକୁ ପୂଜା କରାଯାଇ ପରଦିନଠାରୁ ଗଡ଼ବାଶୁଳି ଦାସୀ, ପାଟଭକ୍ତା, ଦେଶଭକ୍ତା, ମା' ଭୂଧାରଚଣ୍ଡୀଙ୍କ ଦାସୀ (କାଳିସି) ସାମିଲ ହୋଇଥିବା ବେଳେ ମା' ଗଡ଼ବାସୁଲିଙ୍କ ଖଣ୍ଡ ଧରି ସଜନାଗଡ଼ ମନ୍ଦିରର ପାର୍ଶ୍ୱବର୍ତ୍ତୀ ଗ୍ରାମକୁ ଯାଇ ନିଆଁପାଟ ଓ ଉଡ଼ାପର୍ବ ପାଇଁ ଲୋକଙ୍କୁ ନିମନ୍ତ୍ରଣ କରିଥିଲେ। ଗତ ଗୁରୁବାର ମଧ୍ୟରାତ୍ରିରେ ଭକ୍ତମାନେ ସଜନାଗଡ଼ ଚଣ୍ଡୀ ପୋଖରୀକୁ ଯାଇ ପୂଜାର୍ଚ୍ଚନା କରିବା ସହ ଅର୍ଦ୍ଧନାଗେଶ୍ୱର ମୂର୍ତ୍ତିଠାରେ ନିଶାଘଟ ଉତ୍ତୋଳନ ଓ ପୂଜାବିଧି ଶେଷ ପରେ ମା'ଙ୍କ ମନ୍ଦିରକୁ ଆସି ଘଟ ସ୍ଥାପନ କରିଥିଲେ। ଶୁକ୍ରବାର ସକାଳେ ମା' ଭୂଧାରଚଣ୍ଡୀଙ୍କ ପୀଠରେ ନୀତିକାନ୍ତି ସରିବା ପରେ ଦିନ ୧୧ଟାରେ ଚଣ୍ଡୀ ପୋଖରୀରେ ଭକ୍ତାମାନେ ଗାଧୋଇ ମା'ଙ୍କ ଦର୍ଶନ ପରେ ଆରମ୍ଭ ହୋଇଥିଲା ନିଆଁପାଟ। ମା' ଭୂଧାରଚଣ୍ଡୀଙ୍କ ସାମ୍ନା ପଡ଼ିଆରେ ଦେଢ଼ଫୁଟ ଓସାର ଓ ୯ ଫୁଟ୍ ଲମ୍ବର ଏକ ଗର୍ତ୍ତ ଖୋଳାଯାଇ କାଠ କୋଇଲାରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହି ଅଗ୍ନିପାଟରେ ଶହେରୁ ଊର୍ଦ୍ଧ୍ୱ ଭକ୍ତାମାନେ ମା'ଙ୍କ ନାମ ସ୍ମରଣ କରି ଅଗ୍ନି ଉପରେ ଚାଲିଥିଲେ। ଏଥିରେ ମନ୍ଦିରର ମୁଖ୍ୟ ପୂଜକ ବିଜୟ ପଣ୍ଡା, ମା'ଙ୍କ ସର୍ଦ୍ଦାର ଚକ୍ରଧର ଦାସବାବୁ ଓ ରଜ କମିଟିର ବହୁ କର୍ମକର୍ତ୍ତା ସହଯୋଗ କରିଥିଲେ। ଆଜି ମଧ୍ୟ ରାତ୍ରିରେ ଉଡ଼ାପର୍ବ ଅନୁଷ୍ଠିତ ହେବ।

# ଖାନନଗର ଗ୍ରାମରେ ରଜ ଉତ୍ସବ ପାଳିତ



ବାଲେଶ୍ୱର, ୧୪।୬(ସମିସ): ସଦର ବ୍ଲକ ଖାନନଗରର ପଞ୍ଚାୟତ ଖାନନଗର ଗ୍ରାମରେ ଶାନ୍ତି ଫାଉଣ୍ଡେସନ ପକ୍ଷରୁ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମାନବାଧିକାର କର୍ମୀ ସୁଧାକର ସେଠୀଙ୍କ ସଂଯୋଜନାରେ ଆୟୋଜିତ କଥା ଓ କବିତାରେ ରଜରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ କାଳିପଦ ପଣ୍ଡା, ମୁଖ୍ୟ ବକ୍ତା ଭାବରେ ଫ୍ୟୁଚର ବାଲେଶ୍ୱରର ମୁଖ୍ୟ ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଉମୀଲତା ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ରାଉତ ଫାଉଣ୍ଡେସନ ମୁଖ୍ୟ ବିରୋଜ କୁମାର ରାଉତ, ପରିବେଶବିତ୍ ଉପାସନା ପଟ୍ଟନାୟକ, ସମାଜିକ କର୍ମୀ ଗଙ୍ଗାଧର ବାରିକ, ଗୋପାଳ ପଢ଼ିଆରୀଙ୍କ ସହିତ ଦଶରୁ ଅଧିକ ସ୍ଥାନୀୟ କବି କଥା ଓ କବିତା ରଖିଥିଲେ। ପ୍ରଣବ ପ୍ରକାଶ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଶଶୀରଞ୍ଜନ ବାରିକ ଧନ୍ୟବାଦ ଦେଇଥିଲେ। ଶାନ୍ତି ଫାଉଣ୍ଡେସନର ମୁଖ୍ୟ ସଞ୍ଜୟ ଦାସ, ପ୍ରଣବ ପ୍ରକାଶ ଦାସ ଓ ସହଯୋଗୀମାନଙ୍କ ଦ୍ୱାରା ଖେଳପଡ଼ିଆ ନିକଟରେ ଥିବା ବିଶାଳ ବରଗଛରେ ପାରମ୍ପରିକ ଦୋଳି ତାର ଛାଇରେ ସାଙ୍କେତିକ ଭାବରେ ବିଭିନ୍ନ ପିଠା, ଆମ୍ବ, ପଣସ, ରଜ ପାନ ପ୍ରଦର୍ଶିତ କରାଯାଇଥିଲା। ସ୍ଥାନୀୟ ଶତାଧିକ ସଂଖ୍ୟାରେ କୁଆଁରୀ ଝିଅ, ବିବାହିତ ମହିଳା ଉପସ୍ଥିତ ରହି ତାସ, ଲୁଡୁ, ଡିଆଁ ଦୌଡି, ପୁଚି ଆଦି ପାରମ୍ପରିକ ଖେଳରେ ଭାଗନେଇ ଥିଲେ। ସଂଗଠନରୁ ଅଜୟ କୁମାର ଦାସ, ବନମାଳି ଦାସ, ତ୍ରିଲୋଚନ ଦଳେଇ, ବାବୁଲି ଦଳେଇ, ପ୍ରଦୀପ କୁମାର ବେହେରା, ପ୍ରଫୁଲ୍ଲ ମଲ୍ଲିକ, ଧନେଶ୍ୱର ସେଠୀ, ଦୀପକ କୁମାର ଜେନା, ଭାଗିରଥି ପାତ୍ର, ବସନ୍ତ କୁମାର ଦାସ, ଉଷାରାଣୀ ଦାସ, ସନ୍ୟାସୀ କୁମାର ବାରିକ, ସନ୍ୟାସୀ ବାରିକ, ଜିତେନ୍ଦ୍ର ବାରିକ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ମା' ଭଗବତୀଙ୍କ ପୂଜାଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ



ବାଲିଆପାଳ, ୧୪।୬(ସମିସ): ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତ ଅଧୀନ କେନ୍ଦୁବାଡ଼ିଆ ଗ୍ରାମରେ ମା' ଭଗବତୀଙ୍କ ପୂଜା ଉତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ମା' ଭଗବତୀଙ୍କ ଆଶୀର୍ବାଦ ଭିକ୍ଷା କରି ସଭିଙ୍କ ସୁଖ ସମୃଦ୍ଧି କାମନା କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଶ୍ରୀମତୀ ଜେନା ଉଦ୍‌ଘାଟନ କରି ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାମକୁଣ୍ଡା ପଞ୍ଚାୟତ ସଭାପତି ବସନ୍ତ ମହାନ୍ତି, ପୂର୍ବତନ ସରପଞ୍ଚ ବ୍ରଜ ବିଶ୍ୱାଳ, ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ପୂର୍ବତନ ସମିତି ସଦସ୍ୟ ସୁଧାଂଶୁ ବାରିକ, ଅସ୍ତି ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ଜେନା, ଯୁବ ସଭାପତି ଦୀପକ ଜେନା, ଜିଲ୍ଲା ଯୁବ ସମ୍ପାଦକ ଜୟକୃଷ୍ଣ ନାୟକ, ବାଟୁ ସିଂ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ କେନ୍ଦୁବାଡ଼ିଆ ଗ୍ରାମର ଲିପ୍ତେନ୍ଦୁ ଦାସ, ରୁନା ମହୁରୀ, ଭଗବାନ ନାୟକ, ବିଜୟ ପଟ୍ଟାୟତଙ୍କ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ଭତ୍ତା ବଣ୍ଟନକୁ ନେଇ ଉତ୍ତେଜନା; ଜିଆର୍‌ଏସ୍ ଅଟକ



ବାଲେଶ୍ୱର(ଉତ୍ତର), ୧୪।୬(ସମିସ): ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନକୁ କେନ୍ଦ୍ର କରି ଭୋଗରାଇ ବ୍ଲକ ଗବଗାଁ ପଞ୍ଚାୟତରେ ଆଜି ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇ ଉତ୍ତେଜନା ସୃଷ୍ଟି ହୋଇଥିଲା। କମର୍ଦ୍ଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିବାବେଳେ ସେହି ପଞ୍ଚାୟତରେ ଉତ୍ତେଜନା ପ୍ରଶମିତ ହୋଇ ନଥିବାର ଜଣାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ପଞ୍ଚାୟତର ସରପଞ୍ଚ ଶୁଭସ୍ମିତା ଦେଙ୍କ ଅନୁପସ୍ଥିତିରେ ତାଙ୍କ ଶ୍ୱଶୁର ଭତ୍ତା ବଣ୍ଟନ ସମୟରେ ଭତ୍ତା ଖାତାରେ ସରପଞ୍ଚଙ୍କ ସ୍ୱାକ୍ଷର କରିବା ସହିତ ପଞ୍ଚାୟତ କାର୍ଯ୍ୟରେ ମଧ୍ୟ ଆଇନ ଉଲ୍ଲଂଘନ କରି କାର୍ଯ୍ୟ କରୁଥିବା ଅଭିଯୋଗ ହୋଇ ଆସୁଥିଲା। ସରପଞ୍ଚଙ୍କ ଅନୁପସ୍ଥିତିରେ ପଞ୍ଚାୟତର କାର୍ଯ୍ୟ ବାଧାପ୍ରାପ୍ତ ହୋଇଆସୁଥିବାରୁ ଲୋକଙ୍କ ଅସନ୍ତୋଷ କୁହୁଳୁଥିଲା। ଗୁରୁବାର ଓ ଶୁକ୍ରବାର ଏହି ପଞ୍ଚାୟତରେ ଜିଆର୍‌ଏସ୍ ଅଞ୍ଜୁଶ୍ରୀ ନାୟକ ଏବଂ ସରପଞ୍ଚଙ୍କ ଶ୍ୱଶୁର ଭତ୍ତା ଖାତାରେ ସ୍ୱାକ୍ଷର କରୁଥିବା ବେଳେ ପଞ୍ଚାୟତର ଶତାଧିକ ଲୋକ ଉପସ୍ଥିତ ହୋଇ ପ୍ରତିବାଦ କରିଥିଲେ। ଜିଆର୍‌ଏସ୍‌ଙ୍କୁ ଦୀର୍ଘ ୨ ଘଣ୍ଟା ଅଟକ ରଖିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଜିଆରଏସ କୌଶଳ କ୍ରମେ ସେଠାରୁ ପଳାଇ ଯାଇଥିଲେ। ଏହି ଘଟଣାରେ ଉଭୟ ଗୋଷ୍ଠୀ ପକ୍ଷରୁ କମର୍ଦ୍ଦା ଥାନାରେ ଅଭିଯୋଗ ହୋଇଛି।

## ବୃଦ୍ଧଙ୍କୁ ସଂଘବଦ୍ଧ ଆକ୍ରମଣ

ରାଜଘାଟ, ୧୪।୬(ସମିସ): ଚଳିତ ନିର୍ବାଚନରେ ଜଣେ ବ୍ୟକ୍ତି ନିର୍ଦ୍ଦିଷ୍ଟ ଦଳ ତରଫରୁ ପୋଲିଂ ଏଜେଣ୍ଟ ରହିବାରୁ ତାଙ୍କୁ ତାଙ୍କର ସାନଭାଇ ଓ ସହଯୋଗୀ ସଂଘବଦ୍ଧ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ସିଂଲା ଥାନା ଅଧୀନସ୍ଥ ରସଲପୁର ଗ୍ରାମର ରଘୁନାଥ ରାଉଳ(୭୦) ଚଳିତ ନିର୍ବାଚନରେ ଏକ ଦଳ ପକ୍ଷରୁ ପୋଲିଂ ଏଜେଣ୍ଟ ଭାବେ ଦାୟିତ୍ୱ ତୁଲାଇଥିଲେ। ତେବେ ଗତ ସୋମବାର ରଘୁନାଥଙ୍କ ସାନଭାଇ ଷଡ଼ାନନଙ୍କ ସହ ଅନ୍ୟ ସହଯୋଗୀ ରଘୁନାଥଙ୍କ ସ୍ତ୍ରୀ ମିନତିଙ୍କୁ ରଘୁନାଥ କୋଉଠି ଅଛନ୍ତି ବୋଲି ପଚାରିଲେ। ତେବେ ଗତକାଲି ୧୦ଟା ସମୟରେ ରଘୁନାଥ ଘର ବାଡ଼ିରେ ବାପାଙ୍କ ସମାଧିରେ ପୂଜା କରୁଥିବା ସମୟରେ ଷଡ଼ାନନ, ତାଙ୍କ ଝିଅ ଜ୍ୱାଇଁ ଏବଂ କିଛି ଲୋକ ହଠାତ ପଛପଟୁ ରଘୁନାଥଙ୍କୁ ଆକ୍ରମଣ କରିଥିଲେ। ପରିବାର ଲୋକେ ରଘୁନାଥଙ୍କୁ ବାଲିଆପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ରଘୁନାଥଙ୍କ ସାନ ଝିଅ ଦେବୀଦତ୍ତା ରାଉଳ ସିଂଲା ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ସିଂଲା ପୁଲିସ ଘଟଣାର ତଦନ୍ତ ଚଳାଇଛି।

ସଡ଼କ ଦୁର୍ଘଟଣାରେ ଇଞ୍ଜିନିୟରଙ୍କ ମୃତ୍ୟୁ

# ଚକ୍ଷୁଦାନ କଲେ ପରିବାର ଲୋକେ



ନୀଳଗିରି, ୧୪।୬(ସମିସ): ନୀଳଗିରି ଥାନା ଅଧୀନସ୍ଥ ଗୋପୀନାଥପୁର ଗ୍ରାମର କୃତିବାସ ନନ୍ଦଙ୍କ ପୁଅ ସୌମ୍ୟରଞ୍ଜନ ନନ୍ଦ (୨୮)ଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେ ପେଶାରେ ଜଣେ ଇଞ୍ଜିନିୟର ଭାବେ ଜିଓ ଟାୱାର କମ୍ପାନୀରେ ଫିଲ୍ଡ ଅଫିସର ଭାବେ କେନ୍ଦ୍ରାପଡ଼ା ଜିଲ୍ଲାରେ କାର୍ଯ୍ୟରତ ଥିଲେ। ଗତ ୧୩ ତାରିଖ ଦିନ ଆଳୀ ଅଞ୍ଚଳକୁ କମ୍ପାନୀ କାମରେ ବାଇକ୍‌ରେ ଯାଇଥିଲେ। ସେଠାରୁ କାମସାରି କେନ୍ଦ୍ରାପଡ଼ା ନିଜ ଭଡ଼ା ଘରକୁ ରାତ୍ରି ୧୦.୩୦ସମୟରେ ଫେରୁଥିବା ବେଳେ ପଟ୍ଟାମୁଣ୍ଡାଇ ନିକଟରେ ଏକ ଭାରିଯାନ ପଛପଟୁ ଧକ୍କା ଦେବା ଫଳରେ ସୌମ୍ୟରଞ୍ଜନ ଗୁରୁତର ହୋଇ ରାସ୍ତାରେ ପଡ଼ିଥିବା ବେଳେ ଅଞ୍ଚଳବାସୀଙ୍କ ସହାୟତାରେ ପଟ୍ଟାମୁଣ୍ଡେଇ ହସ୍ପିଟାଲ୍ ନିଆଯାଇଥିଲା। ସେଠାରେ ଆଶୁ ଚିକିତ୍ସା ପରେ କେନ୍ଦ୍ରାପଡ଼ା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ପରିବାର ସମେତ କମ୍ପାନୀ କର୍ମଚାରୀ କେନ୍ଦ୍ରାପଡ଼ା ହସ୍ପିଟାଲରେ ପହଞ୍ଚିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ହୋଇଥିଲା। ପରେ ପରିବାର ଲୋକେ ହସ୍‌ପିଟାଲକୁ ତାଙ୍କର ଚକ୍ଷୁଦାନ କରିଥିଲେ।

## ପାନ ଦୋକାନ ଉପରେ ଚଢ଼ିଗଲା ବଲେରୋ; ୩ ଗୁରୁତର

ବାଲେଶ୍ୱର/ଚାନ୍ଦିପୁର, ୧୪।୬(ସମିସ): ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ସଲଟ ରୋଡର ସୁନ୍ଧୁରି ଛକଠାରେ ଏକ ବଲେରୋ ଦ୍ରୁତ ଗତିରେ ଆସି ପାନ ଦୋକାନ ଉପରେ ଚଢ଼ି ଯିବାରୁ ସେଠାରେ ବସିଥିବା ସ୍ଥାନୀୟ ଅଞ୍ଚଳର ତିନିଜଣ ବ୍ୟକ୍ତି ଗୁରୁତର ଆହତ ହେଇଛନ୍ତି। ଦୁର୍ଘଟଣା ପରେ ଉତ୍ତେଜିତ ସ୍ଥାନୀୟ ଲୋକେ ରାସ୍ତାରୋକ କରିଥିଲେ। ଘଟଣାସ୍ଥଳରେ ସଦର ଓ ଚାନ୍ଦିପୁର ଥାନା ପୁଲିସ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ।



ସୂଚନା ଅନୁଯାୟୀ, ଶୁକ୍ରବାର ରାତି ସାଢ଼େ ସାତଟାରେ ସିନ୍ଧୁରି ଛକର ନିଟୁ ପାନ ଦୋକାନରେ ସ୍ଥାନୀୟ ଦୁଇଜଣ ବ୍ୟକ୍ତି ବସିଥିଲେ। ଏହି ସମୟରେ ଏକ ବଲେରୋ ବାଲେଶ୍ୱର ଆଡୁ ଦ୍ରୁତ ଗତିରେ ଆସି ପାନ ଦୋକାନ ଉପରେ ଚଢ଼ି ଯାଇଥିଲା। ଫଳରେ ଦୋକାନରେ ବସିଥିବା ପଦାଗାଁ ଗ୍ରାମର ଫାତା, ସିନ୍ଧୁରି ଗ୍ରାମର ଛୁଆ ନନା ଓ ପାନ ଦୋକାନୀ ନିଟୁ ଗୁରୁତର ହେଇପଡ଼ିଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକମାନେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ଫାତା ଓ ଛୁଆ ନନାଙ୍କ ଅବସ୍ଥା ସଙ୍ଗୀନ ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷରେ ସିନ୍ଧୁରି ଛକରେ ଦୁର୍ଘଟଣା ଘଟାଇ ଥିବା ବଲେରୋଟି ବାଲେଶ୍ୱର ସହରର ମାନସିଂବଜାର ରାସ୍ତାରେ ଏକ ଝିଅକୁ ଧକ୍କା ଦେଇ ଦ୍ରୁତ ଗତିରେ ପଳାଇ ଆସିଥିଲା। ମାନସିଂବଜାର ଲୋକମାନେ ବଲେରୋ ପଛରେ ବାଇକ୍‌ରେ ଗୋଡ଼ାଇ ଥିଲେ। ଖବରପାଇ ଟାଉନ ଥାନା ପୁଲିସ ମଧ୍ୟ ବଲେରୋ ପଛରେ ଗୋଡ଼ାଇ ଥିଲେ। ସିନ୍ଧୁରି ଛକରେ ଦୁର୍ଘଟଣା ଘଟାଇବା ପରେ ଲୋକମାନେ ବଲେରୋ ଡ୍ରାଇଭରକୁ ଧରିନେଇଥିଲେ। ଏହି ସମୟରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ଠାରୁ ଡ୍ରାଇଭରକୁ ଉଦ୍ଧାର କରିଥିଲା। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିଥିଲା।

ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ

# 'ଭାରତୀୟ ସଂସ୍କୃତିର ସୁରକ୍ଷା ପାଇଁ ସଂସ୍କୃତ ଭାଷାକୁ ବଞ୍ଚାଇ ରଖିବା ଆବଶ୍ୟକ'

ବାଲେଶ୍ୱର(ଉତ୍ତର)/ଭୂଷଣ୍ଡେଶ୍ୱର, ୧୪।୬(ସମିସ):



ସର୍ବ ପ୍ରାଚୀନ, ଦେବ ଭାଷା ସଂସ୍କୃତ ଭାରତୀୟ ସଂସ୍କୃତିର ଏକ ଅଙ୍ଗ। ଏହି ଭାଷା ଆମକୁ ଅଜ୍ଞାନରୁ ଜ୍ଞାନ ଓ ଚେତନାର ଆଲୋକ ଦେଖାଇଛି। ସେଥିପାଇଁ ଏହି ଭାଷା ବିଶ୍ୱ ଭାଷାର ଜନନୀ ମାନ୍ୟତା ପାଇଛି। ସଂସ୍କୃତ ଭାଷା ନ ଜାଣିଲେ ଭାରତର ସଂସ୍କୃତି ଜାଣିହେବ ନାହିଁ। ତେଣୁ ଏହାକୁ ବଞ୍ଚାଇ ରଖିବାକୁ ହେବ ବୋଲି ଆଜି ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଅଧିବେଶନ ତଥା ଉଦ୍‌ଯାପନୀ ସଭାରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଭୋଗରାଇର ନବନିର୍ବାଚିତ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ କହିଥିଲେ ଯେ ଯେଉଁ ବିଦ୍ୱାନ ପଣ୍ଡିତମାନେ ୧୦୦ବର୍ଷ ପୂର୍ବେ ଭୋଗରାଇ ଭଳି ଉପାନ୍ତ ଅଞ୍ଚଳରେ ସଂସ୍କୃତ ଭାଷାର ଶିକ୍ଷା ପାଇଁ ଏଭଳି ବିଦ୍ୟାଳୟ ତଥା ମହାବିଦ୍ୟାଳୟର ପରିକଳ୍ପନା କରିଥିଲେ ସେମାନେ ବାସ୍ତବିକ ପ୍ରଶଂସାର ଯୋଗ୍ୟ। ଏହି ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ଆଜି ଭୋଗରାଇ ସଂସ୍କୃତିର ପ୍ରାଣକେନ୍ଦ୍ର ହୋଇପାରିଛି। ସମ୍ମାନିତ ଅତିଥି ଭାବେ ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡଃ. ପ୍ରଫେସର ନୀଳକଣ୍ଠ ପତି ଯୋଗଦେଇ ଗୁରୁ ଶିଷ୍ୟଙ୍କ ସମ୍ପର୍କ ଓ ପରମ୍ପରା ସମ୍ପର୍କରେ ବ୍ୟକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଭାବେ କୋଲକାତା ସଂସ୍କୃତ ବିଶ୍ୱବିଦ୍ୟାଳୟର ସାହିତ୍ୟ ବିଭାଗୀୟ ପ୍ରାଧ୍ୟାପକ ତନ୍ମୟ କୁମାର ଭଟ୍ଟାଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଆୟୁଷ୍ମାନ ପଦ୍ମଲୋଚନ ପଣ୍ଡା ବେଦ ପାଠ, ପ୍ରାକ୍ତନ ଛାତ୍ର ତଥା ଆର୍‌ଆଇଏଚଏସର ସଂସ୍କୃତ ବିଭାଗର ମୁଖ୍ୟ ଅଧ୍ୟାପକ ବ୍ରଜବିହାରୀ ପତି ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ପ୍ରାକ୍ତନ ଛାତ୍ର ଅଲେଖ ରଞ୍ଜନ ପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ କମିଟି ପକ୍ଷରୁ ପ୍ରଫେସର ନୀଳକଣ୍ଠ ପତି ଏବଂ ପ୍ରଫେସର ତନ୍ମୟ କୁମାର ଭଟ୍ଟାଚାର୍ଯ୍ୟଙ୍କୁ ସୁରଭାରତୀ ଶିରୋମଣି ସମ୍ମାନରେ, ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରିଙ୍କୁ ଶ୍ୟାମବନ୍ଧୁ, ସ୍ୱର୍ଗତ ଡଃ କାର୍ତ୍ତିକେଶ୍ୱର ପାତ୍ରଙ୍କୁ ଶ୍ୟାମ ସାରଥି ସମ୍ମାନ, ହେମନ୍ତ ଭଞ୍ଜ, ସ୍ୱର୍ଗତ ସର୍ବେଶ୍ୱର ପାଣିଗ୍ରାହୀ, ସ୍ୱର୍ଗତ ପଞ୍ଚାନନ ମିଶ୍ର, ସ୍ୱର୍ଗତ ମହେଶ ରଞ୍ଜନ ମିଶ୍ର, ସରୋଜ କୁମାର ପାଣିଗ୍ରାହୀଙ୍କୁ ଶ୍ୟାମଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଶମ୍ଭୁନାଥ ସାହୁଙ୍କ ଦ୍ୱାରା ରଚିତ 'ଜୀବନ ଅଡୁଆ ସୂତା' ଏବଂ ଅମୂଲ୍ୟ ଚନ୍ଦ୍ର ଘଡ଼ାଇଙ୍କ ଦ୍ୱାରା ରଚିତ 'ଏ ମଣିଷ ଏ ପୃଥିବୀର ନୁହନ୍ତି' ଉନ୍ମୋଚିତ ହୋଇଥିଲା।

## ଜଳେଶ୍ୱର ଜିକେ ହସ୍ପିଟାଲରେ ଅବ୍ୟବସ୍ଥା

# ଆସୁ ନାହାନ୍ତି ଡାକ୍ତର; ରୋଗୀ ହନ୍ତସନ୍ତ




ରାଇବଣିଆ, ୧୪।୬(ସମିସ):

ବାଲେଶ୍ୱର ଜିଲ୍ଲାର ଏକ ଉପାନ୍ତ ଅଞ୍ଚଳ ଭାବରେ ପରିଗଣିତ ଜଳେଶ୍ୱର ବ୍ଲକ। ଏହା ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାରେ ଅବସ୍ଥିତ। ଏଠାରେ ରାଇବଣିଆ ଅଞ୍ଚଳର ୧୪ଟି ଗ୍ରାମପଞ୍ଚାୟତ ସହିତ ଜଳେଶ୍ୱର ଅଞ୍ଚଳର ୧୪ଟି ଗ୍ରାମ ପଞ୍ଚାୟତର ରହିଛି। ତତ୍ ସହିତ ମୁନସିପାଲିଟି ଅଞ୍ଚଳର ୧୭ଗୋଟି ୱାର୍ଡ ରହିଛି। ସେହିପରି ଜଳେଶ୍ୱର ଦେଇ ୬୦ ନମ୍ବର ଜାତୀୟ ରାଜପଥ ଯାଇଛି ଓ ଜଳେଶ୍ୱର ରେଳ ଷ୍ଟେସନ ଉପରେ ପାଖ ବ୍ଲକ ଭୋଗରାଇ ସମତେ ପଶ୍ଚିମବଙ୍ଗରୁ ଲୋକମାନେ ବିଭିନ୍ନ କାମରେ ଜଳେଶ୍ୱର ଉପରେ ନିର୍ଭରଶୀଳ ହୋଇଥାନ୍ତି। ଯେହେତୁ ଜଳେଶ୍ୱର ଦେଇ ରାଜ୍ୟ ରାଜପଥ ଯାଇଛି ବିଭିନ୍ନ ସମୟରେ ଦୁର୍ଘଟଣା ହେତୁ କିମ୍ବା ସାପ କାମୁଡ଼ା ହେଉ ଏବଂ କୌଣସି ସ୍ୱାସ୍ଥ୍ୟ ଗତ ସମସ୍ୟା ହେତୁ ଲୋକେମାନେ ନିଜର ମୂଲ୍ୟବାନ ଜୀବନକୁ ବଞ୍ଚାଇବା ପାଇଁ ଜଳେଶ୍ୱର ଗୋପୀକିଶନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାନ୍ତି। ହେଲେଏଠାରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆଜି ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କାର୍ଯ୍ୟରେ ଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ୮.୫୦ ପର୍ଯ୍ୟନ୍ତ ନିଜର କାର୍ଯ୍ୟରେ ଯୋଗ ଦେଇ ନଥିବା ଦେଖିବାକୁ ମିଳିଥିଲା। ଯାହା ଫଳରେ ସକାଳ ୭ଟାରୁ ଲାଇନରେ ଅପେକ୍ଷା କରିଥିବା ପ୍ରସୂତି ମହିଳାମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇଥିଲେ। ଏ ନେଇ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଜଗଦେବ ଦୁଲାଲ ସେନ୍‌ଙ୍କୁ ପଚାରିବାରୁ ସେ କହିଥିଲେ ମୁଁ ଏ ବିଷୟରେ ଅବଗତ ନ ଥିଲି। ଆଗକୁ ଏ ପରି ସମସ୍ୟା ହେବନାହିଁ ବୋଲି କହିଛନ୍ତି। ତେବେ ଜଳେଶ୍ୱର ପରି ଏକ ଜନଗହଳି ପୂର୍ଣ୍ଣ ସ୍ଥାନରେ ଲୋକମାନେ କିପରି ଭଲ ଭାବରେ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ସମ୍ବର୍ଦ୍ଧନା



ବାଲିଆପାଳ, ୧୪।୬(ସମିସ): ବସ୍ତା ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟିକା ସୁବାସିନୀ ଜେନାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ବାଲିଆପାଳ ବ୍ଲକ ବଳରାମପୁର ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ହରିହର ପଣ୍ଡାଙ୍କ ସମେତ ସଭାପତି ସନ୍ତୋଷ କୁମାର ଗିରି, ସମ୍ପାଦକ ମନୋରଞ୍ଜନ ସେନାପତି, କୋଷାଧ୍ୟକ୍ଷ ପ୍ରିୟବଂଶୀ ଦାସ, ଗୁରୁଜୀ ନିରଞ୍ଜନ ଦାସ ଏବଂ ଗୁରୁମା ମଧୁମିତା ଗିରି, ରାକ୍ଷୀ ଦାସ, ରାଜଶ୍ରୀ ଜେନା ପ୍ରମୁଖ ବିଧାୟିକା ସୁବାସିନୀ ଜେନାଙ୍କ ଲଙ୍ଗଳେଶ୍ୱରସ୍ଥିତ ବାସଭବନରେ ଉପସ୍ଥିତ ହୋଇ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ।

## ସୁନ୍ଦରପୁର ବ୍ଲକ୍‌ସ୍ତରୀୟ ରଜ ମହୋତ୍ସବ ଉଦ୍‌ଘାଟିତ



ଖଇରା, ୧୪।୬(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ନୟାଖଣପଡି ଗ୍ରାମ ପଞ୍ଚାୟତ ଅଧୀନ ସୁନ୍ଦରପୁର ହାଇସ୍କୁଲ ପଡ଼ିଆରେ ଗୁରୁବାର ସନ୍ଧ୍ୟାରେ ବ୍ଲକସ୍ତରୀୟ ରଜ ମହୋତ୍ସବ ନୃତ୍ୟଗୀତର ତାଳେ ତାଳେ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଆୟୋଜିତ ସଭାକୁ ତହସିଲଦାର ସବ୍ୟସାଚୀ ଜେନା ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟିର ସଭାପତି ପ୍ରାଧ୍ୟାପକ ସୁରେନ୍ଦ୍ର ନାଥ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଶିଷ୍ଟ ଆୟୁର୍ବେଦ ବିଶାରଦ ଶାନ୍ତନୁ ଜେନା ରଜପର୍ବର ବୈଶିଷ୍ଟ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରକାନ୍ତ କୁଅଁର ବିବରଣୀ ପାଠ କରିଥିଲେ। ବାବାଜି ଚରଣ ନାୟକ, ନରହରି ନାୟକ, ଗଗନଚନ୍ଦ୍ର ଧର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଆକର୍ଷଣ ଭାବେ ଏସ୍ ଜିତୁ, ସୌଜନ୍ୟା ରଥ, ବର୍ଣ୍ଣାଳୀ ହୋତାଙ୍କ କଣ୍ଠ ସଙ୍ଗୀତ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ପ୍ରଦାନ କରିଥିଲା। ସକାଳେ ଖଇରା ଥାନା ଆଇଆଇସି ଗୟାଧର ବେହେରା ପତାକା ଉତ୍ତୋଳନ କରିଥିଲେ। ଶଙ୍ଖଫୁଙ୍କା ପ୍ରତିଯୋଗିତା ପୂର୍ବରୁ ଆୟୋଜିତ ସଭାରେ ଜୀବନ କୁମାର ପାଣିଗ୍ରାହୀ, ଅନାଦି ଚରଣ ଜେନା, ଅଶେଷ କୁମାର ଜେନା, ପ୍ରଭାତ କୁମାର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଡା. ହରେକୃଷ୍ଣ ରାଉତ, ସୁକାନ୍ତ ଜେନା, ଦେବେନ୍ଦ୍ର ନାୟକ, ବରେନ୍ଦ୍ର ନାୟକ, ଶମ୍ଭୁନାଥ ସେଠୀ, ବିମଳେନ୍ଦୁ ଜେନାଙ୍କ ସମେତ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୃଷି ମହାବିଦ୍ୟାଳୟ ପାଇଁ ରେମୁଣା ଓ ସଦର ବିଧାୟକଙ୍କୁ ଦାବିପତ୍ର



ବାଲେଶ୍ୱର, ୧୪।୬(ସମିସ): ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବିରେ ତିନିବର୍ଷ ଧରି ଦାବି ଓ ଗଣତାନ୍ତ୍ରିକ ଆନ୍ଦୋଳନ ହୋଇଆସୁଛି। ଏଥିପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମେତ ବାଲେଶ୍ୱର ଜିଲ୍ଲାପାଳ ଅନୁକୂଳ ମତାମତ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି। ଗତ ସାଧାରଣ ନିର୍ବାଚନରେ ବିଜେପିର ଦଳୀୟ ଇସ୍ତାହାରରେ ଏଥିପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଉକ୍ତ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଗଠିତ କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ପ୍ରତିନିଧିମାନେ ନବନିର୍ବାଚିତ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ସଦର ବିଧାୟକ ମାନସ କୁମାର ଦତ୍ତଙ୍କୁ ଅଭିନନ୍ଦନ ଜଣାଇ ଦାବିପତ୍ର ପ୍ରଦାନ କରିଛନ୍ତି। ଉଭୟ ବିଧାୟକ ବାଲେଶ୍ୱର ଜିଲ୍ଲାର କୃଷି ଓ କୃଷକର ସ୍ୱାର୍ଥ ପାଇଁ ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କୁ ଅବଗତ କରାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସମିତି ପକ୍ଷରୁ କୁହାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାଲେଶ୍ୱରର ସାଂସଦ ଓ ବିଧାୟକଗଣ ଦଳମତ ନିର୍ବିଶେଷରେ ଜିଲ୍ଲାବାସୀଙ୍କ ଏହି ଦାବିପ୍ରତି ଗୁରୁତ୍ୱ ଦେବାକୁ ସମିତି ପକ୍ଷରୁ ନିବେଦନ କରାଯାଇଛି। ଉଭୟ ବିଧାୟକଙ୍କୁ ସାକ୍ଷାତ ଆଲୋଚନାରେ ସମିତିର ସଭାପତି ଡ. ପଣ୍ଡାଙ୍କ ସମେତ ବୈଦ୍ୟନାଥ ଷଡ଼ଙ୍ଗୀ, ମନୋଜ ବେହେରା, ହରନାରାୟଣ ମହୁଆଳ, ଭାସ୍କର ଚନ୍ଦ୍ର ପାଢ଼ୀ, ନିରଞ୍ଜନ ପରିଡ଼ା, ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ ପ୍ରଧାନ, ରବି ମହାପାତ୍ର, ଡ. କ୍ଷିତୀଶ୍ୱର ଦାସ ଓ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରଜ ପାଇଁ ଉତ୍ସବମୁଖର ପୁରପଲ୍ଲୀ



ସୋର, ୧୪।୬(ସମିସ): ଆଜି ପହିଲି ରଜ। 'ରଜ ପର୍ବ' ପାଇଁ ଆଜି ସାରା ରାଜ୍ୟ ଉତ୍ସବ ମୁଖର। ଓଡ଼ିଶାର ପାରମ୍ପରିକ ଗଣ ପର୍ବ ରଜ ପର୍ବ। ତିନିଦିନଧରି ଓଡ଼ିଶାର ସହରଠାରୁ ପୁରପଲ୍ଲୀରେ ରଜର ଆସର ଘରେ ଘରେ ଜମିଥାଏ। ପ୍ରଥମ ଦିନକୁ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଓ ତୃତୀୟ ଦିନକୁ ଭୂମି ଦହନ ବୋଲି କୁହାଯାଏ। ଚତୁର୍ଥ ଦିନ ବସୁମତୀ ସ୍ନାନ ପାଳନ ସହ ରଜ ଶେଷ ହୁଏ। ରଜ ପର୍ବର ଆସର ରଜଦୋଳି ଓ ପୋଡ଼ପିଠାରେ ଅଧିକ ଜମିଥାଏ। ପୋଡ଼ପିଠା ଖିଆଯାଏ ଯେତିକି, ବଣ୍ଟାଯାଏ ତା'ଠୁ ଅଧିକ। ଧନୀ-ଗରିବ ଜାତିଭେଦ ନିର୍ବିଶେଷରେ ସମସ୍ତଙ୍କ ଘରେ ଏହି ପର୍ବ ପାଳିତ ହୋଇଥାଏ। ପାରମ୍ପରିକ ରଜ ପର୍ବ ପାଇଁ ଗାଁରୁ ସହର, ଚାରିଆଡ଼େ ଆଜି ଉତ୍ସବର ପରିବେଶ। ଘରେ ଘରେ ଏବେ ପୋଡ଼ ପିଠା ଓ ରଜ ପାନର ଆସର। ହାତରେ ମେହେନ୍ଦି, ମୁଣ୍ଡରେ କୁଙ୍କୁମ ଓ ପାଦରେ ଅଳତା ସହ ନୂଆ ପୋଷାକରେ ଝିଅମାନେ ଗାଁ ଗାଁ ବୁଲିବା ସହିତ ରଜ ଦୋଳି ଖେଳ ଓ ଗୀତର ସ୍ୱର ଏକ ଭିନ୍ନ ପରିବେଶ ସୃଷ୍ଟି କରିଛି। ସମସ୍ତେ ଘରେ ରହି ପିଠା ଖାଇ ରଜ ପାଳନ କରୁଛନ୍ତି।

## ବ୍ୟାସକବି ଫକୀର ମୋହନଙ୍କ ଶ୍ରାଦ୍ଧବାର୍ଷିକୀ



ଜଳେଶ୍ୱର ବ୍ଲକ/ରାଇବଣିଆ, ୧୪।୬(ସମିସ): ସଂକ୍ରାନ୍ତି ପୁରୁଷ, ଓଡ଼ିଆ ଭାଷାର ପ୍ରାଣକର୍ତ୍ତା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଶ୍ରାଦ୍ଧବାର୍ଷିକୀ ଲକ୍ଷ୍ମଣନାଥ ହାଟପଦା ସେବାଶ୍ରମ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଫକୀର ମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷା ଯେତେବଳେ ନିଜ ଅସ୍ତିତ୍ୱ ହରାଇବାକୁ ବସିଥିଲା ଠିକ ସେତିକିବେଳେ ଫକୀର ମୋହନ ଏବଂ ସମକାଳୀନ ଲେଖକଙ୍କ ପ୍ରଚେଷ୍ଟାରେ ଓଡ଼ିଆ ଭାଷା ପୁନର୍ଜନ୍ମ ଲାଭ କରି, ତାର ବିଜୟର ଜୟ ଯାତ୍ରା ଆରମ୍ଭ କରିଥିଲା। ତାଙ୍କ ଲେଖନୀରେ ସେତେବେଳର ସମାଜର ନିଛକ ପ୍ରତିଫଳନ ଆଜିର ସମାଜରେ ମଧ୍ୟ ଜୀବନ୍ତ ଭାବରେ ପ୍ରତିଫଳିତ ହେଉଛି। ସେଇଥିପାଇଁ ଫକୀରମୋହନ ହେଉଛନ୍ତି କାଳଜୟୀ ବୋଲି ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ସାହିତ୍ୟିକ ବିପିନ ବିହାରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଦିଲ୍ଲୀପ କୁମାର ଗିରି, ବସନ୍ତ ଦାସ, ଡ. ଅଜିତ କୁମାର ମହାନ୍ତି, ଶରତ ଚନ୍ଦ୍ର ପରିଡ଼ା, ରବୀନ୍ଦ୍ର ବାରିକ, ରଞ୍ଜନ ଘୋଷ, ନିକୁଞ୍ଜ ଘୋଷ, ଜଗନ୍ନାଥ ପରିଡ଼ା, ବିମଳ କୁମାର ଦାସ, ଭାସ୍କର ଚନ୍ଦ୍ର ବେହେରା, ଗୋପାଳ ପରିଡ଼ା, ନରେନ୍ଦ୍ର ସିଂ, ଅମଳେନ୍ଦୁ ରାଉତ, ଅଜୟ ଗିରି, ଶୀଧେଶ୍ୱର ବେହେରା, ଛାତ୍ରନେତା ଚନ୍ଦନ କାମିଲା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ଶେଷରେ ଉତ୍ତମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ତତ୍ପରତା ଦେଖାଇଲା ଜଳେଶ୍ୱର ପୂର୍ତ୍ତ ବିଭାଗ

# ୩ ଦିନରେ ସମାଧାନ ହେଲା ଦୀର୍ଘ ଦିନର ସମସ୍ୟା




ରାଇବଣିଆ, ୧୪।୬(ସମିସ): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଚମାର ଗାଁ ଗ୍ରାମ ପଞ୍ଚାୟତର ତେଘରୀ କଲେଜ ନିକଟସ୍ଥ ରାମହରି ପୋଲ, ଉପରେ ଦୀର୍ଘ ଦିନ ଧରି ରହିଥିବା ବିପଦସଙ୍କୁଳ ରାସ୍ତାକୁ ତୁରନ୍ତ ମରାମତି କଲା ଜଳେଶ୍ୱର ପୂର୍ତ୍ତ ବିଭାଗ। ଗତ ୧୧ ତାରିଖରେ ଉକ୍ତ ବିପଦସଙ୍କୁଳ ହୋଇଥିବା ରାସ୍ତାର ଅବସ୍ଥା ସମ୍ପର୍କରେ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ପରେ ଜଳେଶ୍ୱର ପୂର୍ତ୍ତ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ଆଜି ସକାଳୁ ସକାଳୁ ଉକ୍ତ ରାସ୍ତାର ମରାମତି କରାଯାଇଛି। ଯାହା ଫଳରେ ରାଇବଣିଆ ଅଞ୍ଚଳରୁ ଜଳେଶ୍ୱର ଓ ବାଲେଶ୍ୱର ସମତେ ରାଜ୍ୟର ବିଭିନ୍ନ ସ୍ଥାନକୁ ପ୍ରତ୍ୟକ ଦିନ ଯିବା ଆସିବା କରୁଥିବା ୨୦ ହାଜରରୁ ଉର୍ଦ୍ଧ୍ୱ ପଥଚାରୀଙ୍କଠାରୁ ଆରମ୍ଭ ଭାରିଯାନ ପର୍ଯ୍ୟନ୍ତ ବେଶ ସୁରୁଖୁରରେ ଯିବା ଆସିବା କରିପାରିବେ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏହାସହିତ ଏହି ଖବରକୁ ପ୍ରଶାସନ ପାଖରେ ପହଞ୍ଚାଇଥିବା 'ସକାଳ'ର ସାମ୍ବାଦିକ ଅଶ୍ରୁମୋଚନ ଘୋଷଙ୍କ ସହିତ ପୂର୍ତ୍ତ ବିଭାଗକୁ ଗ୍ରାମବାସୀଙ୍କ ତରଫରୁ ଅଶ୍ୱିନୀ କୁମାର ଦେ, ବିଜୟ କୁମାର ଜେନା, ନିତ୍ୟାନନ୍ଦ ଜେନା, ବରେନ୍ଦ୍ର ବାରିକ ଧନ୍ୟବାଦ ଜଣାଇଛନ୍ତି।

## ପୃଥକ ପୃଥକ ଦୁର୍ଘଟଣା

# ଜଣେ ମୃତ; ୪ ଗୁରୁତର

ଖଇରା, ୧୪।୬(ସମିସ): ଖଇରା ବ୍ଲକ ଅଧୀନ ନହଙ୍ଗ ହାଇସ୍କୁଲ ଓ ଆଦର୍ଶ ବିଦ୍ୟାଳୟ ରାସ୍ତା ମଝିରେ ଅଟୋ-ବାଇକ୍ ଧକ୍କାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ଖଇରା ବ୍ଲକ ବଡ଼ଜୟିପୁର ଗ୍ରାମର ଗଜେନ୍ଦ୍ର ବାରିକ(୬୨) ଓ ଆହତ ଦ୍ୱୟହେଲେ ଗଜେନ୍ଦ୍ରଙ୍କୁ ପୁଅ ଶୁଭଙ୍କର ଓ ସହଯୋଗୀ ବିପିନ ପୃଷ୍ଟି। ୩ ଜଣ ଏକ ବାଇକ୍‌ରେ ଖଇରାରୁ ଲୁଗା କିଣି ଘରକୁ ଫେରୁଥିବା ବେଳେ ଆଳଦା-ନହଙ୍ଗ ରାସ୍ତାର ଆଦର୍ଶ ବିଦ୍ୟାଳୟଠାରୁ ଅଳ୍ପ କିଛି ଦୂରରେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋ ଧକ୍କା ଦେବାରୁ ୩ ଜଣ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ୩ ଜଣଙ୍କୁ ପ୍ରଥମେ ଖଇରା ଗୋଷ୍ଠୀ କେନ୍ଦ୍ରକୁ ନିଆଯିବା ପରେ ଗଜେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୨ଜଣଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ସ୍ଥାନାନ୍ତର କରାଯାଇଥିଲା। ସେହିଭଳି ଗଣ୍ଡିବେଡ-ଔପଦା ରାସ୍ତାର ବୁଢାଗଡ଼ିଆ ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ୨ଜଣ ଆହତ ହୋଇଥିବା ବେଳେ ଚିକିତ୍ସା ପାଇଁ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ କଳମଗଡ଼ିଆ ଗ୍ରାମର ବିଜୟ ହୋ ଏବଂ ତପନ ହୋ।

## ଜନସେବା କେନ୍ଦ୍ରରୁ ଚୋରି



ସୋର, ୧୪।୬(ସମିସ): ସୋର ଥାନା ବାଗୁଡ଼ି ବଜାରରେ ଥିବା ଏକ ଜନସେବା କେନ୍ଦ୍ରରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଖାମୁଖାଡ଼ି ଅଞ୍ଚଳର ସଞ୍ଜୟ କୁମାର ଜେନା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡି ବଜାରରେ ଦୀର୍ଘ ବର୍ଷ ଧରି ଏକ ଜନସେବା କେନ୍ଦ୍ର ଖୋଲିଛନ୍ତି। ପ୍ରତିଦିନ ଭଳି ସଞ୍ଜୟ ଗତକାଲି ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଆଜି ସକାଳେ ଦୋକାନ ଖୋଲିବାକୁ ଆସି ଦେଖିଲା ବେଳକୁ କେହି ଦୁର୍ବୃତ୍ତ ଦୋକାନର ଝରକା ତାଡ଼ି ତାଙ୍କ ଲାପ୍‌ଟପ୍ ଓ ନଗଦ ୫୦ ହଜାର ଟଙ୍କା ଚୋରି କରିନେଇଥିବା ଜାଣିବାକୁ ପାଇଥିଲେ। ତେବେ ପୂର୍ବାହ୍ନରେ ସଞ୍ଜୟ ଏ ବାବଦରେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବିଶ୍ୱ ରକ୍ତଦାତା ଦିବସରେ ରକ୍ତଦାନ ଶିବିର

ଜଳେଶ୍ୱର ବ୍ଲକ, ୧୪।୬(ସମିସ):




ବିଶ୍ୱ ରକ୍ତ ଦାତା ଦିବସ ଓ ରୋଟାରିୟାନ ରାଜେଶ୍ ଖଟୁଆଙ୍କ ଜନ୍ମଦିନ ଉପଲକ୍ଷେ ରକ୍ତଦାନ ଶିବିର ଓ ଏକ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘ ଓ ଜଳେଶ୍ୱର ରକ୍ତଦାତା ସଂଘ ଶାଖା ପକ୍ଷରୁ ନୂଆ ବଜାର ମୁରଲୀ କଲ୍ୟାଣ ମଣ୍ଡପରେ ଏହି ଶିବିର ଓ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଆୟୋଜିତ ସଭାରେ ବ୍ଲକ ରକ୍ତଦାତା ସଂଘ ସଭାପତି ଡଃ. ଅଜିତ କୁମାର ମହାନ୍ତି ସଭାପତିତ୍ୱ କରି ଉଦ୍ଦେଶ୍ୟ ଜ୍ଞାପନ ଓ ରକ୍ତଦାନର ଆବଶ୍ୟକତା ଓ ସମାଜ ପାଇଁ ନାଗରିକଙ୍କ କର୍ତ୍ତବ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ସକାଳେ ଆୟୋଜିତ ରକ୍ତଦାନ ଶିବିରକୁ ପ୍ରାକ୍ତନ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ କୁମାର ଚକ୍ରବର୍ତ୍ତୀ ସମଗ୍ର ରାଜ୍ୟରେ ରକ୍ତ ସଂଗ୍ରହ ଓ ଶିବିର ଆୟୋଜନ କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲା ଶ୍ରେଷ୍ଠତ୍ୱ ହାସଲ ସହିତ ଗୌରବ ଆଣି ଦେଇଛି ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଡଃ. ଇଂ ହୃଷୀକେଶ ସାହୁ ବାର୍ଷିକ ବିବରଣୀ ଓ ସଂଘର ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ବାଲେଶ୍ୱର ରକ୍ତ ସଂଗ୍ରହ କେନ୍ଦ୍ରର ଡାକ୍ତର ଲକ୍ଷ୍ମୀଜି ୱାଇ, ରୋଟାରିଆନ ଡାକ୍ତର ଦୀପ୍ତିମୟୀ ମହାପାତ୍ର ସେବା ଓ ଦାନ ବଳରେ ଆତ୍ମତୃପ୍ତି ମିଳିଥାଏ ବୋଲି କହିଥିଲେ। ଯୁବ ସମାଜସେବୀ ମନୋରଞ୍ଜନ ଦାସ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟ ଉପସ୍ଥିତ ଅତିଥିଙ୍କ ମଧ୍ୟରେ ପୂର୍ବତନ ନଗରପାଳ ପ୍ରବିର ପ୍ରଧାନ, ରୋଟାରୀୟାନ ତାରାପଦ ମହାନ୍ତି, ସଭାପତି ମଣିଭଦ୍ର ଜେନା, ଲେଲିନ ପ୍ରଧାନ, ମାଧବ ଜେନା, ଅଂଶୁମାନ ରାଉତ, ଦୀପ୍ତିରାଣୀ ନନ୍ଦୀ, ଯୁବ ନେତା ଫାଲଗୁନ ପାଣିଗ୍ରାହୀ, କାଉନସିଲର ଶିବ ନାରାୟଣ ମହାପାତ୍ର, ଚନ୍ଦନ କର, ଯୁବ ନେତା ହେମନ୍ତ ଗିରି, ରାସ ବିହାରୀ ରଣା, ରାଜସ୍ୱ ନିରୀକ୍ଷକ ଶରତ ବେହେରା, ଅଶୋକ ଦାସ, ଆଇନଜୀବୀ ଯୋଶଦା ନନ୍ଦନ ଆସ, ରାସ ବିହାରୀ ରଣା, ଅଧିର ଗିରି ଗୋସ୍ୱାମୀ, ଆଦିକନ୍ଦ ଦାସ ଅଧିକାରୀ ପ୍ରମୁଖ ରକ୍ତଦାନ ଶିବିର ଓ ଜନ୍ମଦିନ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ସମାଜ ସେବାରେ ଅଗ୍ରଦୂତ ରୋଟାରିଆନ ରାଜେଶ ଖଟୁଆଙ୍କୁ ଜନ୍ମଦିନ ଅବସରରେ ସଂଘ ପକ୍ଷରୁ ବିଶେଷ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ରକ୍ତ ସଂଗ୍ରହ କ୍ଷେତ୍ରର ଉଲ୍ଲେଖନୀୟ ଅବଦାନ ନିମନ୍ତେ ଭୋଗରାଇ, ଜଳେଶ୍ୱର, ବସ୍ତା, ବାଲିଆପାଳ, ବାଲେଶ୍ୱର, ରେମୁଣା ଅଞ୍ଚଳର ସମାଜସେବୀ, ସାମ୍ବାଦିକ, ସଂଘ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଓ ବୃକ୍ଷ ଚାରା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜେଶ ମିଶ୍ର, ମନୋଜ ଗନ୍ତାୟତ, ପୁଷ୍ପିତା ଦାସ, ବିଦ୍ୟାଧର ସାହୁ ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତ ସଂଗ୍ରହ କରିଥିବା ବେଳେ ମୋଟ ୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜଳେଶ୍ୱର ସଂଘର ସାଂଗଠନିକ ସମ୍ପାଦକ ଓ ସଂଯୋଜକ ସୁବ୍ରତ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ରଜ ଆସିଲେ ମନେପଡ଼େ ଢିଙ୍କିକୁଟା ଚୂନାର ପିଠା

ବଡ଼ସାହି, ୧୪।୬(ସମିସ): ଓଡ଼ିଆମାନଙ୍କ ପ୍ରିୟ ପର୍ବ ମଧ୍ୟରୁ ରଜ ଅନ୍ୟତମ ତଥା କୃଷି ଭିତ୍ତିକ ପର୍ବ। ଚାଷୀମାନେ ହଳ ଓ ଧାନବୁଣା କାମ ସାରି ରଜ ୩ଦିନ ବିଶ୍ରାମ ନେଇ ଅପେକ୍ଷା କରିଛି ମୌସୁମୀର ପହିଲି ବର୍ଷାକୁ। ଧାନ ଗଜା ହେବ ଓ ସମସ୍ତ ଚାଷୀଙ୍କ ମୁହଁରେ ହସ ଫୁଟିବ। ସେଥିପାଇଁ ଏହି ପର୍ବ ମଧ୍ୟ ଗାଁ ଗଣ୍ଡାରେ ଧୁମଧାମରେ ପାଳନ କରାଯାଉଛି। ହେଲେ ପୂର୍ବ ଭଳି ଏହି ପର୍ବ ପାଳନରେ ଆଉ ନାହିଁ ମାଦକତା। ରଜ ଆସିଲେ ବିଶେଷକରି ମୟୂରଭଞ୍ଜରେ ଅଲଗା ଅଲଗା ଲାଗେ ଗାଁ ପରିବେଶ। ମାସକ ଆଗରୁ ଲାଗି ରୁହେ ପ୍ରସ୍ତୁତି। ମୁଢ଼ି, ଖଇ, ଚୂଡ଼ା ପାଇଁ ଉପଯୋଗୀ ଧାନ ଯୋଗାଡ଼ କରାଯାଏ। ବିରି, ମୁଗ, ଚିନିଆଳୁ, କନ୍ଦମୂଳ, କାକୁଡି ଓ କଦଳୀ ଠାରୁ ଆରମ୍ଭ କରି ଚିନି ଓ ନଡ଼ିଆ ହାଟ ବଜାରରୁ ଆଣି ଘରେ ମହଜୁଦ ରଖାଯାଏ। ପିଠାପଣା ପାଇଁ ଘରର ଢିଙ୍କିଶାଳକୁ ଲିପା ପୋଛା କରି ପ୍ରସ୍ତୁତ କରାଯାଇଥାଏ। ଗାଁ ଦାଣ୍ଡରେ ଚାଲିଗଲେ ନାକରେ ବାଜେ ମଣ୍ଡା, କାକରା, ଚକୁଳି, ଆରିସା, ମୁହାଁ ଓ ପୋଡ଼ ପିଠାର ବାସ୍ନା।





ଏବେ କିନ୍ତୁ ସମୟ ବଦଳିଛି। ବହୁ ଜିନିଷ ଏବେ ଆଉ ଦେଖିବାକୁ ମିଳୁ ନାହିଁ। ଏହି ପିଠା ସାଧାରଣତଃ ଚାଉଳ ଚୂନାରୁ ହେଉଥିବା ବେଳେ ଢିଙ୍କିକୁଟା ଚୂନା ଏବେ ଆଉ ଗାଁ ଗହଳିରେ ମିଳୁ ନାହିଁ। ପ୍ରତି ଘରେ ଥିବା ଢିଙ୍କିଶାଳ ଆଜି ଅଲୋଡ଼ା ହୋଇ ପଡ଼ିଛି। ଘରେ ଘରେ ଗ୍ରାଇଣ୍ଡର ଓ ଚକିକଳରେ ଚୂନା ପେଷା ଯାଉଥିବାର ଦେଖିବାକୁ ମିଳୁଛି। କିନ୍ତୁ ଢିଙ୍କିକୁଟା ଚୂନାରେ ପ୍ରସ୍ତୁତ ପିଠା ଓ ଚକି କଳ ଚୂନା ପିଠାର ସ୍ୱାଦ ଭିତରେ ବହୁ ଫରକ ରହୁଥିବାର କହନ୍ତି ବଡ଼ସାହିର ଗ୍ରାମର ଗୃହିଣୀ ରଞ୍ଜିତା ବେହେରା।

ସେହିପରି ଜଗନ୍ନାଥ ବେହେରା କହନ୍ତି, ବାପା ବାହାରେ ଚାକିରି କରୁଥିବା ବେଳେ ଆମ ମୟୂରଭଞ୍ଜ ଜିଲ୍ଲାରେ ରଜ ଓ ମକର ପର୍ବରେ କେବଳ ଢିଙ୍କିକୁଟା ଚୂନାର ପିଠା ଖାଇବା ପାଇଁ ଗାଁକୁ ପଳାଇ ଆସୁଥିଲୁ। ଜେଜେ ମାଆ ରାତିରୁ ଚୂନା, ବିରି, ନଡ଼ିଆ, କାଜୁ, କିସମିସ୍ ଓ ବିଭିନ୍ନ ପ୍ରକାର ସୁସ୍ୱାଦୁ ଜିନିଷକୁ ମିଶାଇ ଭଲ ଭାବେ ଫେଣ୍ଟି ପାଗ ପ୍ରସ୍ତୁତ କରିଥାନ୍ତି। ବଡ଼ିଭୋରରୁ ଉଠି ତାଙ୍କ ହାତରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠା ପ୍ରସ୍ତୁତ କରିବାରେ ଲାଗି ପଡ଼ନ୍ତି। ନିଦ ଭାଙ୍ଗିବା ବେଳକୁ ଘରେ ବିଭିନ୍ନ ପ୍ରକାର ପାଛିଆ ପାଛିଆ ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତ ହୋଇ ରହୁଥିଲା। ଖାଇବା ସହିତ ସାଙ୍ଗସାଥୀଙ୍କୁ ଡାକି ଜେଜେମାଆଙ୍କ ହାତ ତିଆରି ପିଠା ଖାଉଥିଲୁ ବୋଲି ସେ କୁହନ୍ତି। ହେଲେ ସେ ସମୟ ଆଉ ନାହିଁ। ଆଧୁନିକତାର ଛାପରେ ସବୁ ଲୋପ ପାଇବାକୁ ବସିଛି। ଘରେ ଝିଅ ବୋହୂମାନେ ଢିଙ୍କିରେ ଚୂନା କୁଟି ପିଠା କରିବା ପାଇଁ ନାରାଜ। କେତେକ ଘରେ ଚୂନାର ବିକଳ୍ପ ଭାବେ ସୁଜିକୁ ମଧ୍ୟ ବ୍ୟବହାର କରାଯାଉଥିବାର ଦେଖାଯାଇଛି। ଏତଦବାଦ ଆଗଭଳି କାଞ୍ଚନ, ପିମ୍ପୁଡ଼ିବାସ ଓ ସୁନାଖଡ଼ି ଧାନର ବିହନ ଲୋପ ପାଇବାକୁ ବସିଲାଣି। ଏହି ସବୁ ଧାନରୁ ପ୍ରସ୍ତୁତ ପିଠାର ବାସ୍ନା ଓ ସୁଆଦ ନିଆରା। ଏବେ ହାଇବ୍ରିଡ଼ ଧାନର ଅମଳ ସିନା ଅଧିକ କିନ୍ତୁ ସୁଆଦ ନ ଥିବାର କହନ୍ତି ଚାଷୀ କାର୍ତ୍ତିକ ମହାପାତ୍ର। ଢିଙ୍କିଶାଳ ଥିଲା ଘରର ଝିଅ ବୋହୂଙ୍କ ପଢ଼ା ଘର। ଧାନ ଓ ଚୂନା କୁଟା ବେଳେ ଘରର ଚଳନି, ପ୍ରଥା ଓ ପରମ୍ପରା ବାବଦରେ ନୂଆ ବୋହୂ ଓ ଝିଅମାନଙ୍କୁ ଶିକ୍ଷା ଦିଆ ଯାଉଥିଲା। ଏବେ ବୋହୂମାନେ ଘରେ ଆଉ ପିଠା କରୁ ନାହାନ୍ତି। ପିଠା ବଦଳରେ ଲୋକମାନେ ଏବେ ବଜାରରୁ ପିଜା, ଟୋଷ୍ଟ, ସ୍ୟାଣ୍ଡୱିଚ ଓ କେକ୍ କିଣି କାମ ଚଳାଇ ଦେଉଛନ୍ତି। ସତ କହିବାକୁ ଗଲେ ରଜ କେବଳ ପ୍ରଚାର ଓ ପରମ୍ପରାକୁ ନେଇ ବଞ୍ଚି ରହିଛି। ପିଲାଦିନର ସ୍ମୃତି ମନେ ପକାଇବା ହିଁ ସାର ହୋଇଛି।

ସେହିପରି ସସ୍ମିତା କର କହନ୍ତି, ବ୍ୟସ୍ତ ବହୁଳ ଦୁନିଆ ଓ ଆଧୁନିକତାର ଛାପରେ ସବୁ ବଦଳି ଗଲାଣି। ପର୍ବ ଆସିଲେ ଯେଉଁ ସମସ୍ତଙ୍କ ମଧ୍ୟରେ ଯେଉଁ ଭଲପାଇବା, ହସଖୁସି ଓ ଆନ୍ତରିକତା ଦେଖାଯାଉଥିଲା, ଏବେ ତାହା ନାହିଁ କହିଲେ ଚଳେ। ଏ ସମ୍ପର୍କରେ ଜଣେ ବରିଷ୍ଠ ନାଗରିକ କହନ୍ତି। ମୋ ପୁଅବୋହୂ ବାହାରେ ଚାକିରି କରନ୍ତି। ଆମେ ବୁଢ଼ିବୁଢ଼ା ଘରେ ଏକା। ପୁଅ ଛୁଟି ନାହିଁ କହି ଏବେ ପର୍ବରେ ଘରକୁ ମଧ୍ୟ ଆସୁ ନାହିଁ। ନାତିନୁତୁଣୀଙ୍କ ପାଠପଢ଼ା ନଷ୍ଟ ହୋଇ ଯିବାର ଆଳ କରି ସେମାନେ ଆମ ପାଖରୁ ମଧ୍ୟ ଦୂରେଇ ବାକୁ ବସିଲେଣି। ତେଣୁ ଚୂନା କୁଟିବୁ କାହା ପାଇଁ ପିଠା ତିଆରି କରିବୁ କାହା ପାଇଁ ବୋଲି ଦୁଃଖରେ କହିଛନ୍ତି।

## ‘ବନସ୍ତେ ଡାକିଲା ଗଜ’ ଗୀତକୁ ଝୁରୁଛି ଗାଁ ମାଟି

ବିଶୋଇ, ୧୪।୬(ସମିସ): ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ରଜ ଆସିଲେ ଏହି ଗୀତରେ ଫାଟିପଡ଼େ ଗାଁ ଦାଣ୍ଡ। କୁମାରୀ ଝିଅମାନେ ରଜ ଦୋଳିରେ ଆନନ୍ଦ ଉଲ୍ଲାସର ଝୁଲିବା ସହିତ ସାଙ୍ଗ ସାଥୀଙ୍କ ମେଳରେ ଏହି ଗୀତ ବୋଲି ରଜ ପର୍ବକୁ ପାଳନ କରିଥାନ୍ତି। ତେବେ, ସମ୍ପ୍ରତି ଆଧୁନିକ ଯୁଗରେ ଗାଁ ଗହଳିରେ ପର୍ବର ମହକ କ୍ରମଶଃ ଲୋପ ପାଇବାରେ ବସିଲାଣି। ଆଜି ପହିଲି ରଜ ଥିବାବେଳେ ସମଗ୍ର ପୁରପଲ୍ଲୀ ଚଳଚଞ୍ଚଳ ହୋଇପଡ଼ିଛି। ମାତ୍ର, ଗାଁଗୁଡ଼ିକରେ ପୂର୍ବ ଭଳିଆ ରଜ ଦୋଳି ଆଉ ଦେଖିବାକୁ ମିଳୁନାହିଁ। ରଜ ପର୍ବରେ ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଅଞ୍ଚଳରେ ସେହିପରି ରୋଜ ମଉଜ ଦେଖିବାକୁ ମିଳନଥିଲା। ଘରେ ଲୋକେ ପିଠାପଣାର ଆୟଜନ କରିଥିଲେ ସୁଦ୍ଧା ରୋଜ ପର୍ବର ମୁଖ୍ୟ ଆକର୍ଷଣ ରୋଜ ଦଳି କାଁ ଭାଁ ସ୍ଥାନରେ ଦେଖିବାକୁ ମିଳିଥିଲା। ଯେହେତୁ ବିଶୋଇ ବ୍ଲକ ଆଦିବାସୀ ବହୁଳିତ ଅଞ୍ଚଳ ଭାବେ ପରିଗଣିତ ହୋଉଥିବା ବେଳେ ଏହି ଅଞ୍ଚଳରେ ରଜ ପର୍ବରେ କିମ୍ବା ଅନ୍ୟ କୌଣସି ପର୍ବରେ ଆଦିବାସୀ ସମ୍ପ୍ରଦାୟର ଲୋକେ ଗାଁ ଦାଣ୍ଡରେ ମାଦଳ ବଜାଇ ପାରମ୍ପରିକ ନୃତ୍ୟରେ ପର୍ବ ମାନିବାରେ ମସଗୁଲ ରହିଥାନ୍ତି। ମାତ୍ର ଚଳିତବର୍ଷ ସେହି ଯାକଜକମ ଆଉ ଦେଖିବାକୁ ମିଳିଲା ନାହିଁ। କେଉଁକେଉଁ ସ୍ଥାନରେ ନୂଆ ପୋଷାକ ପିନ୍ଧି କୁନି କୁନି ପିଲା ମାନେ କେବଳ ରଜ ଦୋଳିରେ ଝୁଲିବାକୁ ଦେଖିବାକୁ ମିଳିଥିଲା ବେଳେ ବହୁ ଗ୍ରାମରେ ରୋଜ ପର୍ବର ବାସ୍ନା ମଧ୍ୟ ମିଳିଲା ନାହିଁ। ସେହିପରି ରଜ ପର୍ବରେ



ମିଠା ପାନର ଚାହିଦା ରହିଥିବା ବେଳେ ବିଶୋଇର କେତେକ ପାନ ଦୋକାନରେ ମିଠା ପାନର ଆସର ଦେଖିବାକୁ ମିଳିଥିଲା। ତେବେ, ଏକବିଂଶ ଶତାଧିର ପାଦ ଥାପିଥିବା ଲୋକେ ନିଜ ପରମ୍ପରା ବଜାୟ ରଖିବା ପାଇଁ କେତେ ଯତ୍ନବାନ ରହିଛନ୍ତି ତାହା ଦେଖିବାକୁ ବାକି ରହିଲା।

## ରଜ ପାଇଁ ତିନି ଦିନ ବନ୍ଦ ରହିବ ମା’ହିଙ୍ଗୁଳାଙ୍କ ଦର୍ଶନ



ବଡ଼ସାହି, ୧୪।୬(ସମିସ): ବଡ଼ସାହି ବ୍ଲକ ଅଧୀନ ସୁହାଗପୁର ପଞ୍ଚାୟତ କଉଡ଼ିଖଣି ଶାଳ ଜଙ୍ଗଲରେ ପୂଜା ପାଉଥିବା ମା’ ହିଙ୍ଗୁଳାଙ୍କ ଦର୍ଶନ ରଜ ନିତୀ ପାଇଁ ୩ଦିନ ବନ୍ଦ ରହିବ ବୋଲି ମନ୍ଦିର କମିଟିର ମୁଖ୍ୟ ଟ୍ରଷ୍ଟି ସୁନୀଲ କୁମାର ଦାଶ ପ୍ରକାଶ କରିଛନ୍ତି। ଗୁରୁବାର ରାତି ପହଡ଼ ପରେ ଶୁକ୍ରବାର ପହିଲି ରଜରେ ମନ୍ଦିର ବନ୍ଦ ଥିବାବେଳେ, ଶନିବାର ରଜ ସଂକ୍ରାନ୍ତି ଓ ରବିବାର ମା’ଙ୍କ ଦର୍ଶନ ତଥା ପୂଜା ବନ୍ଦ ରହିବ। ଏହି ତିନି ଦିନ ପୁରୋହିତଙ୍କ ଦ୍ୱାରା ଗୁପ୍ତ ସେବା କାର୍ଯ୍ୟ ଚାଲୁ ରହିବ। ୧୭ ତାରିଖ ସୋମବାର ବସୁମତୀ ସ୍ନାନ ସଙ୍ଗକୁ ସକାଳେ ମଙ୍ଗଳ ଆରତୀ ପରେ ମା’ଙ୍କ ମହାସ୍ନାନ ଅନୁଷ୍ଠିତ ହେବ। ଏହା ପରେ ବେଶ ହେବା ସହିତ ଷୋଡଶ ଉପଚାର ପୂଜା ଓ ବାଳ ଭୋଗ ଲାଗି ହେବ। ମାତ୍ର ପରିସର ମଧ୍ୟରେ ଥିବା ଜଗନ୍ନାଥ, ଶିବ ଓ ରାମ ମନ୍ଦିରରେ ଯଥାବିଧି ଦର୍ଶନ ଓ ପୂଜା ଚାଲୁ ରହିଥିବାର କମିଟି ପକ୍ଷରୁ ଜଣାଯାଇଛି।

## ସର୍ବଭାରତୀୟ ବୃତ୍ତି ପାଇବେ ଓଡ଼ିଶୀ ନୃତ୍ୟାଙ୍ଗନା ସାଇସିଦ୍ଧି




କରଞ୍ଜିଆ, ୧୪।୬(ସମିସ): କରଞ୍ଜିଆ ନୃତ୍ୟଶ୍ରୀ ଅନୁଷ୍ଠାନର ନୃତ୍ୟାଙ୍ଗନା ସାଇସିଦ୍ଧି ମହାନ୍ତ ଓଡ଼ିଶୀ ନୃତ୍ୟ କନିଷ୍ଠ ବିଭାଗରେ ଶ୍ରେଷ୍ଠ ବିବେଚିତ ହୋଇ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇ କରଞ୍ଜିଆ ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି। ସାଇସିଦ୍ଧି ୨୦୧୬ ମସିହାରୁ ଓଡ଼ିଶୀ ନୃତ୍ୟପ୍ରତି ଆକୃଷ୍ଟ ହୋଇ ନୃତ୍ୟଶ୍ରୀ ଅନୁଷ୍ଠାନର ଗୁରୁ ପ୍ରଫେସର ଡ. ମନୋଜ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟଶିକ୍ଷା କରିଆସୁଛନ୍ତି। ଖାଲି ସେତିକି ନୁହଁ ସେ କରାଟେ ଶିକ୍ଷାରେ ମଧ୍ୟ ସ୍ୱର୍ଣ୍ଣ ପଦକ ବିଜେତା ସହିତ ସର୍ବଭାରତୀୟସ୍ତରରେ କୃତିତ୍ୱ ହାସଲ କରିଛନ୍ତି। ସେ ଦେବାଶିଷ ମହାନ୍ତ ଓ ତନୁଶ୍ରୀ ମହନ୍ତଙ୍କ କନ୍ୟା ଅଟନ୍ତି। ନିଜର ସଫଳତା ପାଇଁ ଗୁରୁ ଡ. ନୋନୋଜ କୁମାର ବେହେରା, ଅଧ୍ୟାପିକା ଝରଣା ସାହୁ ଓ ଅନୁଷ୍ଠାନର ସମ୍ପାଦକ ସମୀର ଓଭାଙ୍କୁ ଶ୍ରେୟ ଦେଇଛନ୍ତି।

## ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ମୋରଡ଼ା, ୧୪।୬(ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ଅନ୍ତର୍ଗତ ଗଡ଼ିଆ ପଞ୍ଚାୟତ ଅଧୀନ ଫୁଟୁକିଶୋଳ ଗ୍ରାମର ରାମେଶ୍ୱର ସୋରେନଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ପରିବାର ବର୍ଗ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ରାମେଶ୍ୱର ଗତକାଲି ସକାଳୁ ମୂଳ ଲାଗିବା ପାଇଁ ଘରୁ ବାହାରି ଆସିଥିଲେ। କାମ ସାରି ଘରକୁ ଫେରୁଥିବାବେଳେ ପ୍ରବଳ ଖରାରେ ଛତା ଏବଂ ପାଣି ବୋତଲ ସାଙ୍ଗରେ ନେଇ ନଥିଲେ। ଯାହା ଫଳରେ ପ୍ରଚଣ୍ଡ ଖରାକୁ ସହ୍ୟ କରିନପାରି କେନାଲ ପାର୍ଶ୍ୱରେ ଥିବା ଏକ ଗଛ ମୂଳରେ ଆଶ୍ରୟ ନେଇଥିଲେ। ଯାହାଫଳରେ ଗଛ ମୂଳରେ ହିଁ ରାମେଶ୍ୱରଙ୍କ ଜୀବନ ଚାଲିଯାଇଥିବାର ପରିବାର ଲୋକେ ପ୍ରକାଶ କରିଛନ୍ତି। ସନ୍ଧ୍ୟା ସମୟରେ କିଛି ସ୍ଥାନୀୟଲୋକେ ରାମେଶ୍ୱରଙ୍କୁ ଗଛ ମୂଳରେ ପଡ଼ିଥିବାର ଦେଖି ତାଙ୍କ ପରିବାରକୁ ଓ ଘଟଣା ସମ୍ପର୍କରେ ପୁଲିସକୁ ମଧ୍ୟ ଖବର ଦେଇଥିଲେ। ତେବେ ଖବର ପାଇ ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଇ ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

## ରଜ କବିତା ଆସର ଓ ଆଲୋଚନାଚକ୍ର

କରଞ୍ଜିଆ, ୧୪।୬(ସମିସ): ଇଟର୍ନିଟୀ ଆନ୍ତରାଷ୍ଟ୍ରୀୟ ସଙ୍ଗଠନ ଓ ଚେତନା ଅନୁଷ୍ଠାନ ଆନୁକୂଲ୍ୟରେ ସ୍ଥାନୀୟ ସେବାନିବୃତ୍ତ କର୍ମଚାରୀ ଭବନରେ ରଜ କବିତା ଆସର ଓ ଆଲୋଚନା ଚକ୍ର, ଇଟର୍ନିଟୀ ଇଂରାଜୀ ସାହିତ୍ୟ ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଣୀ ବିନୋଦ ଭରତ



ଚନ୍ଦ୍ର ଦାଶ ମୁଖ୍ୟଅତିଥି ଓ କାଦଡିହା ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ଼ଃ ଭାଗବତ ଲେଙ୍କା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଓଡ଼ିଶାର ଏହି ମହାନ୍ ପର୍ବର ବିଶେଷତ୍ୱ ତଥା ଧରିତ୍ରୀ ମା’ଙ୍କୁ ସମ୍ମାନ ଜଣାଇ ଏବଂ ଏଇ ମା’ଙ୍କୁ ଆରାଧନା କରି କେମିତି ଏକ ପରମ୍ପରା କାହିଁ କେତେ ବର୍ଷ ରୁ ଚାଲି ଆସିଛି। ଏହାକୁ ନେଇ ବିଭିନ୍ନ ଦୃଷ୍ଟାନ୍ତ ଦେଇ ସେମାନେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚେତନା ଅନୁଷ୍ଠାନର ସଭାପତି, ଆଇନଜୀବୀ ସଞ୍ଜୟ କୁମାର ସାହୁ, ଇଂ ତ୍ରିଲୋଚନ ସେଠୀ, ସମାଜ ସେବୀ ସିଦ୍ଧାର୍ଥ ରାୟ ଓ ରାଧାଶ୍ୟାମ ନାୟକ ଆଦି ଯୋଗ ଦେଇ ଆଜିର ବସ୍ତୁବାଦୀ ମନୋଭାବ ତଥା ମୋବାଇଲ ଆଦିର ବହୁଳ ପ୍ରଚଳନ କେମିତି ରଜ ପର୍ବର ପରମ୍ପରାକୁ ନଷ୍ଟ କରି ଦେଉଛି ଏହାକୁ ପ୍ରାଞ୍ଜଳ ଭାବରେ ବୁଝାଇ ଥିଲେ। ଶେଷରେ ହରେକୃଷ୍ଣ ମହାନ୍ତ, ଭାଗବତ ଲେଙ୍କା, ସଞ୍ଜୟ ସାହୁ, ଭରତ ଚନ୍ଦ୍ର ଦାଶ, ତ୍ରିଲୋଚନ ସେଠୀ ଆଦି କବିମାନେ ସ୍ୱରଚିତ କବିତା ପାଠ କରିଥିଲେ।

## ଦୁର୍ଘଟଣାରେ ଜଳିଗଲା କାର୍; ଅଳ୍ପକେ ବର୍ତ୍ତିଲେ ତିନି ଯୁବକ

ମହୁଲଡିହା, ୧୪।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ୫୩ନଂ ଜାତୀୟ ରାଜପଥ ଚମକପୁର ଗ୍ରାମ ନିକଟସ୍ଥ ଏକ ଗଛରେ ପିଟି ହୋଇ ଏକ କାର୍ ଜଳିଯାଇ ଥିବାବେଳେ ଏହି ଅଘଟଣରୁ ତିନି ଯୁବକ ଅଳ୍ପକେ ରକ୍ଷା ପାଇଛନ୍ତି। ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାରେ କରଞ୍ଜିଆ ଅଞ୍ଚଳର ତିନି ଜଣ ଯୁବକ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ଚମକପୁର ନିକଟରେ ଭାରସାମ୍ୟ ହରାଇ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା। କାରଟି ଦ୍ରୁତଗତିରେ ଆସି ଗଛରେ ପିଟି ହେବା ପରେ ସମ୍ପୂର୍ଣ୍ଣ ଜଳି ଯାଇଛି। ଘଟଣାସ୍ଥଳରେ ଠାକୁରମୁଣ୍ଡା ଥାନା ପୁଲିସ ଏବଂ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହିତ ଆହତ ଯୁବକମାନଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଅଧିକ ତଦନ୍ତ ଆରମ୍ଭ କରିଛି ପୁଲିସ। ତେବେ ଆହତ ଯୁବକଙ୍କ ମଧ୍ୟରୁ ଜଣେ ଗୁରୁତର ଥିବାବେଳେ ଅନ୍ୟ ଦୁଇ ଜଣ ସାମାନ୍ୟ ଆହତ ହେଇଥିବା ସୂଚନା ମିଳିଛି। ତେବେ ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ଯୁବକମାନଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରିବାରୁ ସେମାନଙ୍କ ଜୀବନ ରକ୍ଷା ହୋଇଛି।

## ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ତରଫରୁ ଲୋକକଳା ଦିବସ

ବାରିପଦା, ୧୪।୬(ସମିସ): ଶୁକ୍ରବାର ଲୋକକଳା ଦିବସ ଉପଲକ୍ଷେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମୁଖ୍ୟ ତରଫରୁ ଜିଲ୍ଲା ସଂଯୋଜକ ଦୀପକ କୁମାର ନାୟକଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ଲୋକକଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସାରସକଣା ବ୍ଲକ ଅନ୍ତର୍ଗତ ଭୁରୁଷାଣି ଗ୍ରାମପଞ୍ଚାୟତ ଠାରେ ବ୍ଲକ ସଂଯୋଜକ କ୍ଷୀରୋଦ ଚନ୍ଦ୍ର ଦାସ, ରାଜୀବ



ଲୋଚନ ମହାନ୍ତ ଏବଂ ଭୁରୁଷାଣି ଗ୍ରାମ ପଞ୍ଚାୟତ ସଂଯୋଜକ ଗୌତମ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବରେ ଜିଲ୍ଲା ସଂଯୋଜକ ଦୀପକ କୁମାର ନାୟକ ଯୋଗଦେଇ ଲୋକକଳା ଦିବସ ପାଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ଏଥିସହିତ କଳାକାରମାନେ ସମୃଦ୍ଧ ହେଲେ ଯାଇ କଳା ସଂସ୍କୃତିର ସୁରକ୍ଷା ସମ୍ଭବ ହୋଇପାରିବ। ଏଣୁ କଳାକାରମାନେ ସଂଗଠିତ ଭାବରେ ସରକାରଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିବା ଦରକାର ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର କଳାକାରମାନେ ଯୋଗଦେଇ ନିଜନିଜର ସମସ୍ୟା ବାବଦରେ ଆଲୋଚନା କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## କପ୍ତିପଦାରେ ରଜପର୍ବ ଓ ରଜବତୀଙ୍କ ମୂର୍ତ୍ତିପୂଜା

କପ୍ତିପଦା, ୧୪।୬(ସମିସ): କପ୍ତିପଦା ବ୍ଲକ ବଡ଼ଖଲାଡି ପଞ୍ଚାୟତ ନଛିପୁର ଗ୍ରାମରେ କିଛି ଯୁବକଯୁବତୀ ପହିଲି ରଜ ଓ ଦାଳି ଖେଳି ପରମ୍ପରାକୁ ବେଶ ଆନନ୍ଦରେ ପାଳନ କରିଛନ୍ତି।



ଶୁକ୍ରବାର ବଡିଭୋରରୁ କାଳନଦୀରୁ ଘଟୋତ୍ତୋଳନ କରାଯାଇ ମା’ରଜବତୀଙ୍କ ମୂର୍ତ୍ତି ନିକଟରେ ସ୍ଥାପନ କରାଯାଇଥିଲା। ଯଥାବିଧି ଷୋଡ଼ଶ ଉପଚାରରେ ମା’ଙ୍କ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅପରାହ୍ଣରେ ଦେହୁରୀପୂଜକଙ୍କ ଦ୍ୱାରା ରାମଦୋଳି ପୂଜାକରାଯାଇ ଦୋଳିଖେଳ ଆରମ୍ଭ ହୋଇଥିଲା। ଏଠାରେ ବିଭିନ୍ନ ଦୋଳିର ମାହଲ ମଧ୍ୟ ଦେଖିବାକୁ ମିଳିଥିଲା। ପୂର୍ବରୁ ପଡ଼ୋଶୀଗ୍ରାମ ଦୁର୍ଗାପୁରରେ ପରମ୍ପରା ଅନୁଯାୟୀ ରଜବତୀଙ୍କ ମୂର୍ତ୍ତି ପୂଜା କରାଯାଇଛି। କିନ୍ତୁ ରଜଦୋଳ ଆଉ ଦେଖିବାକୁ ମିଳୁନଥିବାବେଳେ ନଛିପୁର ଗ୍ରାମର ଉଦୀୟମାନ ଯୁବକଯୁବତୀ ମାନେ ରଜପର୍ବ ଆରମ୍ଭ କରିଥିଲେ। ମାତ୍ର କରୋନା ମହାମାରି ଠାରୁ ଏହା ବନ୍ଦଥିବା ବେଳେ ଏବର୍ଷ ଆରମ୍ଭ ହୋଇଛି। ବିଭିନ୍ନ ଗ୍ରାମରୁ ଝିଅମାନେ ଏଠାରେ ଦୋଳି ଖେଳିବା ପାଇଁ ଭିଡ ଲଗାଇଥିବା ଦେଖିବାକୁ ମିଳିଥିଲା। ରଜ କମିଟିର ସଭାପତି ନବଘନ ଖଟୁଆ, ଦଶ ନାଏକ, ରାମଚନ୍ଦ୍ର ବିଶାଳ, ପରମେଶ୍ୱର ନାଏକ, ଶ୍ରୀକାନ୍ତସାର, ସନାତନ ଖଣ୍ଡେଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୪ଦିନ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲୁ ରହିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମୀକ୍ଷା ବୈଠକ

ରାଇରଙ୍ଗପୁର, ୧୪।୬(ସମିସ): ଗୁରୁବାର ବାମନଘାଟି ଉପଜିଲ୍ଲାପାଳ ତଥା ରାଇରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ସରୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଓ ପୌର ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଉପଜିଲ୍ଲାପାଳ କମିଟି ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ୨୦୨୩ ରଥଯାତ୍ରାର ଆୟବ୍ୟୟ ଉପରେ ଆଲୋଚନା କରାଯାଇଥିଲା। ଏହାପରେ ଅଭିଷେକ ପଟ୍ଟନାୟକଙ୍କୁ ଚଳିତବର୍ଷ ରଥଯାତ୍ରା ପରିଚାଳନା ଅଧ୍ୟକ୍ଷ ଭାବେ ମନୋନୀତ କରିବା ପାଇଁ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ଉକ୍ତ ପ୍ରସ୍ତାବଟି ସଦସ୍ୟଙ୍କ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏହି ଅବସରରେ ଚଳିତ ବର୍ଷ ରଥଯାତ୍ରା-୨୦୨୪ର ଖର୍ଚ୍ଚ ଅଟକଳ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ରଥଯାତ୍ରାକୁ ରାଇରଙ୍ଗପୁରଠାରେ ଶାନ୍ତି ଶୃଙ୍ଖଳା ତଥା ବ୍ୟବସ୍ଥିତ ଢଙ୍ଗରେ ଆୟୋଜନ ପାଇଁ ବିଭାଗୀୟ



ସମନ୍ୱୟ କମିଟିର ଏକ ବୈଠକ ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବା ନେଇ ଉପଜିଲ୍ଲାପାଳ ସୂଚନା ଦେଇଥିଲେ। ଶେଷରେ ଉପଜିଲାପାଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣବିହାରୀ ମହାନ୍ତି, ମନୋଜ ଦାସ, ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତି, କାଳିଆ ମହାନ୍ତି, ଦୀନେଶ ବେହେରା, ପ୍ରସାଦ ବେହେରା, ଶାଶ୍ୱତ ବଳ, ଦିବ୍ୟଜ୍ୟୋତି ଖୁଣ୍ଟିଆ, ସୂର୍ଯ୍ୟକାନ୍ତ ଘଣା, କିଶୋର କୁମାର ରଜକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ରକ୍ତଦାତା ଦିବସରେ ବୃକ୍ଷରୋପଣ

ବାରିପଦା, ୧୪।୬(ସମିସ): ଜିଲ୍ଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ବର୍ଷତମାମ ରକ୍ତଦାନ ଶିବିର ଆୟୋଜନ କରୁଥିବା ବିଭିନ୍ନ ଅନୁଷ୍ଠାନକୁ ସମ୍ମାନିତ କରାଯାଇଛି। ଅଧିକରୁ ଅଧିକ ରକ୍ତଦାନ କରିବା ପାଇଁ ନୂତନ ରକ୍ତଦାତାଙ୍କୁ ଉତ୍ସାହିତ କରିବା ପାଇଁ ଡଃ ପ୍ରଣବ ଶଙ୍କର ଦାଶ ପ୍ରସ୍ତାବ ଦେଇଥିବାବେଳେ ସାମ୍ପ୍ରତିକ ପରିସ୍ଥିତିରେ ବହୁଳ ପରିମାଣରେ ବୃକ୍ଷରୋପଣ କରିବା ପାଇଁ ଉତ୍ସାହିତ କରିଥିଲେ। ସଭାପରେ ନାରାୟଣ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଓଡ଼ିଶା ରକ୍ତ କେନ୍ଦ୍ର, ବାରିପଦା ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡଃ ଦାଶଙ୍କ ସମେତ ରକ୍ତ ଭଣ୍ଡାର



ଅଧିକାରୀ ସୌମ୍ୟରଞ୍ଜନ ନାୟକ, ଡଃ ନୀଲେଶ ଦାସ, ଟେକନିସିଆନ ପୁଣ୍ଡରିକାକ୍ଷ ଦାସ, ପାର୍ଥ ସାରଥୀ ମହାନ୍ତ, ରୁଚିକା ଖୁରାନା, ସମାଜସେବୀ ଅମର କୁମାର ସେଠି, ସୋମନାଥ ସିଂହ, ଡଃ ନିରୋଜ କୁମାର ପୋଥାଳ, ବସନ୍ତ କୁମାର ମହାପାତ୍ର, ପ୍ରତାପେଶ୍ୱର ଦାଶ, ରଣଜିତ ଦାସ, ଅଶୋକ କୁମାର ବେହେରା, ଶମ୍ଭୁନାଥ ପଲେଇ ଓ ବିଶ୍ୱନାଥ ପଲେଇ ଉପସ୍ଥିତ ଥିଲେ। ଭବିଷ୍ୟତରେ ଅଧିକରୁ ଅଧିକ ବୃକ୍ଷ ରୋପଣ କରାଯିବ ବୋଲି ସ୍ଥିର କରାଯାଇଛି।

ସକାଳ THE SAKALA



www.sakalaepaper.com

# କେନ୍ଦୁଝରରର ପ୍ରସିଦ୍ଧ ରଜ ଆରମ୍ଭ

# କାଳୀପଡ଼ିଆରେ ରଜ ମହୋତ୍ସବ

**କେନ୍ଦୁଝର,୧୪।୬(ସମିସ):** କେନ୍ଦୁଝରର କୃଷିଭିତ୍ତିକ ଗଣପର୍ବ ରଜ ଆରମ୍ଭ ହୋଇଛି। ଗ୍ରାମାଞ୍ଚଳରୁ ସହର ସବୁଠି ରଜପର୍ବ ମାହୋଲଲୋକଙ୍କୁ ମତୁଆଲା କରିଛି। ବିଭିନ୍ନ ସ୍ଥାନରେ ମହିଳା ଓ ପୁରୁଷ ମାନେ ସମସ୍ତେ ଦୋଳି ଖେଳର ମଜା ନେଇଛନ୍ତି। ଚଳିତ ବର୍ଷ ରଜକୁ ଧୁମଧାମରେ ପାଳିବାକୁ ଝିଅ ବୋହୂମାନେ କାଠ ନିର୍ମିତ ଓ ଲୁହା ଦୋଳିରେ ଖେଳିବାକୁ ଭିଡ଼ ଜମାଇଥିଲେ। କେନ୍ଦୁଝର ସହର ଏବଂ କିଛି ଗ୍ରାମାଞ୍ଚଳରେ ଚାରି ପାଞ୍ଚ ଦିନ ଧରି ଦୋଳି ଖେଳ ସହିତ ମେଳାର ଆୟୋଜନ ହୋଇଥାଏ। ମହୋତ୍ସବ କମିଟି ମାନେ ଦୋଳି ଖେଳ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳାର ଆୟୋଜନ ମଧ୍ୟ କରିଛନ୍ତି। କେନ୍ଦୁଝର ସହର କାଳୀପଡ଼ିଆରେ ରଜ ମହୋତ୍ସବ ୫ଦିନ ହେବାକୁ ଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ଆନୁଷ୍ଠାନିକ ଭାବେ ଏହା ଶୁଭାରମ୍ଭ ହୋଇଛି। ରାଇସୁଆଁ, ଜଳବଙ୍ଗ, ପଦ୍ମପୁର, ବିସ୍ଥାପାଳ, ବାଂଶପାଳ, କାଦକଳା, ସମେତ ଅନେକ ସ୍ଥାନରେ ରଜପର୍ବ ଜମାଣିଆ ହେଉଥିବା ବେଳେ, ସୀତାବିଞ୍ଜି, ବୀଣାଝରି ଅଞ୍ଚଳରେ ରଜପର୍ବ ଭିନ୍ନ ଭାବେ ପାଳିତ ହୋଇଥାଏ। ଗୋପୀନାଥପୁର ପଞ୍ଚାୟତର ଜଳବଙ୍ଗ ଠାରେ ରଜ ରଜବତୀ ବିବାହ ଆୟୋଜନ ହେବ ବୋଲି ଜଣାପଡିଛି। ଶୁକ୍ରବାର ପହିଲି ରଜ ଅବସରରେ ପିଠା ପଣା, ମାଛ ମାଂସ, ନୂତନ ବସ୍ତ୍ର ପରିଧାନ ସହିତ ରଜର ମଜା ନେବା ପାଇଁ ଦୁରଦୂରାନ୍ତରେ ଥିବା ଲୋକେ ଗୁରୁବାରଠାରୁ ନିଜନିଜ ଘରକୁ ଆସିସାରିଥିବା ବେଳେ ଝିଅ ବୋହୂମାନେ ଗାଁ ମୁଣ୍ଡରେ ଥିବା ଦୋଳି ଖେଳିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଶନିବାର ଦ୍ୱତୀୟ ରଜ ଅବସରରେ କେତେକ ସ୍ଥାନରେ ବିଭିନ୍ନ ପ୍ରତିଯୋଗିତା ହେଉଥିବା ସୂଚନା ମିଳିଛି। ସେପଟେ ସୀତାବିଞ୍ଜି ଠାରେ ପ୍ରସିଦ୍ଧ ରଜ ମେଳା ଆୟୋଜିତ ହୋଇଛି।



## ଆନନ୍ଦପୁରରେ ରଜ ମହୋତ୍ସବ ଉଦ୍‌ଘାଟିତ

ଆନନ୍ଦପୁର,୧୪।୬(ସମିସ): କଳାସାହିତ୍ୟ, ସଂସ୍କୃତିର ପ୍ରାଣକେନ୍ଦ୍ର ଆନନ୍ଦପୁରର ବିଭିନ୍ନ ସ୍ଥାନରେ ରଜପର୍ବ ଆନନ୍ଦ ଉଲାସରେ ଆରମ୍ଭ ହୋଇଥିବା ବେଳେ ସ୍ଥାନୀୟ ବଡଦାଣ୍ଡଠାରେ ସାର୍ବଜନୀନ ରଜ ମହୋତ୍ସବ ଆଜି ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ଭୂମିପୂଜା ପରେ ଦୋଳି ପୂଜା କରାଯାଇଥିଲା। ଅପରାହ୍ନ ୫ ଘଟିକା ସମୟରେ ମୁକ୍ତିତୀର୍ଥ ଆନନ୍ଦଧାମ ପୀଠର ଶ୍ରୀ ପଞ୍ଚମୁଖୀ ସିଦ୍ଧ ହନୁମାନଙ୍କ ପୀଠରେ କେନ୍ଦୁଝର ସାଂସଦ ଅନନ୍ତ ଚରଣ ନାୟକ, ବିଧାୟକ ପଦ୍ମଚରଣ ହାଇବ୍ରୁ ବୃକ୍ଷରୋପଣ କରି ମହୋତ୍ସବକୁ ଉଦଘାଟନ କରିଥିଲେ। ପରେ ଏକ ଭବ୍ୟ ଶୋଭାଯାତ୍ରାରେ ଅତିଥିମାନଙ୍କୁ ମଞ୍ଚକୁ ପାଛୋଟି ନିଆଯାଇଥିଲା। ରଜ ମହୋତ୍ସବ କମିଟିର ସଭାପତି ମହେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ସାହିତ୍ୟିକ ରମାକାନ୍ତ ନାୟକ ମଞ୍ଚ ସଞ୍ଚାଳନା କରିଥିଲେ। ସମ୍ପାଦକ ଦେବରଞ୍ଜନ ସାହୁ ସମ୍ପାଦକୀୟ ବିବରଣୀ ପାଠ କରି ଓଡ଼ିଆ ଜାତିର ଗଣପର୍ବ ରଜ ମହୋତ୍ସବ ଭାଇଚାରା ସମ୍ପର୍କକୁ ଦୃଢ କରେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ଶାନ୍ତନୁ କୁମାର ସେଠୀ, ବିଜୟ କୁମାର ମିଶ୍ର(କୁନି), ଯୁଗ୍ମ ସମ୍ପାଦକ ଭାଗୀରଥି ଦାଶ, ଅଜୟ ହୋତା, ନୀଳମାଧବ ସାହୁ, କୋଷାଧ୍ୟକ୍ଷ ପବିତ୍ର ମୋହନ ବେହେରା, ଅଶୋକ ସାହୁ, ସଂଯୋଜକ ମଦନ ପାଣି, କାର୍ଯ୍ୟକାରୀ କମିଟିର ରାଜାପ୍ରଭୁ ଦାସ, ସନ୍ତୋଷ ଜେନା, ରଞ୍ଜନ ଜେନା, ଦୁଃଖବନ୍ଧୁ ମିଶ୍ର, ରବିନ୍ଦ୍ର ବାରିକ, ଆଶିଷ ବେହେରା, ଅଶୋକ ରାଉତ, ସୁଜିତ କୁମାର ସେଠୀ, ଅକ୍ଷୟ କୁମାର ସାମଲ, ସାଜନ ଜେନା, କୈଳାସ ନାୟକ, କାଳନ୍ଦୀ ରଣା, ଗୋପରଂଜନ ପାଣି, ଜଗମୋହନ ପତି, ଗୁରୁଚରଣ ପାଢ଼ୀ, ବାଇଧର ସେଠୀ, ଲଲାଟେନ୍ଦୁ ଧୀର, ବାପୁନ ମଲିକ, ମନୋଜ କୁମାର ସାହୁ ଓ ବାବୁନା ପଟ୍ଟନାୟକ, ଉପଦେଷ୍ଟା ଶ୍ରୀଧର ଦଳେଇ, ଇଂ. ବିଶ୍ୱନାଥ ପ୍ରତାପ ଜେନା, ଇଂ ଦିଲୀପ ସିଂ, ଡ. ଶମ୍ଭୁନାଥ ରାଉତ, ଦୟାନିଧି ଦାଶ, ରମାକାନ୍ତ ନାୟକ, ବିନୋଦ ବିହାରୀ ମିଶ୍ର, ଗଗନ ସିଂ, ପ୍ରଶାନ୍ତ କୁମାର ସାହୁ, ପ୍ରଶନ କୁମାର ମିଶ୍ର, ବିନୋଦ ଦାଶ, ମୁରଲୀଧର ମୀଶ୍ର ଓ ନିକୁଞ୍ଜ ବିହାରୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।




## ରଜ ପାଇଁ ଉତ୍ସବ ମୁଖରିତ ପାଟଣା ଅଞ୍ଚଳ



**ପାଟଣା,୧୪।୬(ସମିସ):** ପାଟଣା ବ୍ଲକର ବିଭିନ୍ନ ଅଞ୍ଚଳରେ ରଜ ପର୍ବ ମହା ଆଡମ୍ବରରେ ପାଳନ କରାଯାଉଛି। କେନ୍ଦେଇପଶି ପଞ୍ଚାୟତ ମୁଖ୍ୟାଳୟ ସ୍ଥିତ ଖେଳ ପଡ଼ିଆରେ ଗ୍ରାମବାସୀଙ୍କ ସହଯୋଗରେ ରଜ ଉତ୍ସବ ଆରମ୍ଭ ହୋଇଛି। ପହିଲି ରଜ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି କେନ୍ଦୁଝର ରାଣୀ ସୁନନ୍ଦିନୀ ଭଞ୍ଜଦେଓ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଉଦଘାଟନୀ ଉତ୍ସବରେ ରଜନୀକାନ୍ତ ମିଶ୍ର, ଇଂ.ରାଜେଶ କୁମାର ବାରିକ, ଦିବ୍ୟଲୋଚନ ସାହୁ, ମିତ୍ରଭାନୁ ନାଏକ, ଫକୀର ସେଠୀ, ବିଜୟ ଗାରଡ଼ିଆ, ଚତୁର୍ଭୁଜ ମହାନ୍ତ, ରଜ ମହଉତ୍ସବ ପରିଚାଳନା କମିଟି ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ସରଜ କୁମାର ବାରିକ ପ୍ରମୁଖ ଉପସ୍ଥିରେ ଅତିଥିଗଣଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରି ପାଛଟି ଆଣିଥିଲେ। ଏହି ଅବସରରେ ତିନିଦିନ ଧରି ରଜଦୋଳି ଗୀତ, ସଂଗୀତ, ନୃତ୍ୟ, ପୁଚିଖେଳ, ଦଉଡିଟଣା, ହାଣ୍ଡି ପିଟା, ଆଦି ପ୍ରତିଯୋଗିତା ଆୟୋଜିତ ହୋଇଛି। ୧୫ ତାରିଖ ରଜ ସଂକ୍ରାନ୍ତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୧୬ରେ ରଜ ବିଦାୟ କାର୍ଯ୍ୟକ୍ରମ ରହିଛି। ଏଥି ସହିତ ପାଟଣା, ଟାଙ୍ଗରପଡା, ଅଙ୍କୁରା, ଡୁମୁରିଆ, ମଲ୍ଲିପଶି ଆଦି ସ୍ଥାନମାନଙ୍କରେ ରଜ ପର୍ବ ବେଶ ଧୁମଧାମରେ ପାଳନ ହେଉଛି।

## ଅନାଥ ଶିଶୁଙ୍କ ସହ ରଜ ପାଳନ

**ଆନନ୍ଦପୁର,୧୪।୬(ସମିସ):** ଚଳିତ ବର୍ଷ ରଜପର୍ବ ଅବସରରେ ଆନନ୍ଦପୁର ଅଞ୍ଚଳର ଏକ ଲୋକପ୍ରିୟ ସଂଗଠନ ଉଇଆର୍‌୯୭, ସମାଜସେବା କ୍ଷେତ୍ରରେ ଏକ ନିଆରା ଦୃଷ୍ଟାନ୍ତ ସୃଷ୍ଟି କରିଛି। ଆନନ୍ଦପୁର ଅଞ୍ଚଳର ୯୭ ବ୍ୟାଚ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗଠିତ ଏହି ସଂଗଠନ ଏଥର କେନ୍ଦୁଝର ଜିଲ୍ଲାର ମୁଖ୍ୟ ପର୍ବ ରଜପର୍ବ, ଛୋଟ ଛୋଟ ଅନାଥ ଶିଶୁମାନଙ୍କର ସେବା ଜାମା ତଥା ରଜ ପିଠା ଖୁଆଇ ସେମାନଙ୍କ ସହ ରଜ ପାଳନ ସହ ଅନାଥ ଶିଶୁ ମାନଙ୍କ ମନରେ ନୂତନ ଆଶା ଓ ଉଦ୍ଦୀପନା ସୃଷ୍ଟି କରିଛନ୍ତି। ଏହି ଉପଲକ୍ଷେ "ପ୍ରୟାସ, ଏକ ଟିକି ଆଶା' କାର୍ଯ୍ୟକ୍ରମ ମଧ୍ୟ ଅନାଥାଶ୍ରମ ପ୍ରାଙ୍ଗଣରେ ସଭ୍ୟମାନଙ୍କ ଦ୍ୱାରା ପରିଚାଳନା କରାଯାଇଛି। ଏପରି ଏକ ନୂତନ ଚିନ୍ତାଧାରା ତଥା ସମାଜସେବା ନିମନ୍ତେ ଆନନ୍ଦପୁର ଅଞ୍ଚଳରେ ଉଇଆର୍‌୯୭




କରି ପାଳନ କରିଛି। ସଂଗଠନର ସଭ୍ୟମାନେ ଚଳିତ ବର୍ଷର ପହିଲି ରଜ ବାମ୍ପିଡି ସ୍ଥିତ ବିବେକାନନ୍ଦ ସେବାଶ୍ରମ ପ୍ରାଙ୍ଗଣରେ ଅନାଥ ଶିଶୁ ମାନଙ୍କ ଗହଣରେ ପାଳନ କରିଛନ୍ତି। ରଜପର୍ବ ଉପଲକ୍ଷେ ଛୋଟ ଛୋଟ ଶିଶୁ ମାନଙ୍କୁ ନୂତନ ସଂଗଠନକୁ ପ୍ରଶଂସା କରାଯାଇଛି। ଏହା ପୂର୍ବରୁ ମଧ୍ୟ ଦୀର୍ଘ ତିନି ବର୍ଷ ଧରି ଏହି ସଂଗଠନ ସ୍ୱାସ୍ଥ୍ୟ, ପରିବେଶ, ଶିକ୍ଷା ତଥା ସମାଜସେବା କ୍ଷେତ୍ରରେ ଅନେକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଇ ସମଗ୍ର ଆନନ୍ଦପୁର ଅଞ୍ଚଳରେ ଖ୍ୟାତି ଲାଭ କରିଆସିଛି।

## ଆରମ୍ଭ ହେଲା ରଜ ମହୋତ୍ସବ

## ନୃତ୍ୟରେ ଝୁମିଲେ କୁମାରୀ କନ୍ୟା

**ରାମଚନ୍ଦ୍ରପୁର,୧୪।୬(ସମିସ):** ଘସିପୁରା ବ୍ଲକ ଅଳତି ଗ୍ରାମରେ ବଡ ଧୁମ୍‌ଧାମ୍‌ରେ ପାଳିତ ହେଉଛି ରଜ ମହୋତ୍ସବ। ଏଠାରେ ରଜ ଉତ୍ସବକୁ ସବୁଠୁ ନିଆରା ଭାବେ ପାଳିତ କରାଯାଉଛି। ତିନି ଦିନ ଧରି ପାଳିତ ହେଉଥିବା ରଜ ମହୋତ୍ସବ ପଡିଆକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯିବା ସହ ବିଭିନ୍ନ କିସମର ଦୋଳି ସହ ମୀନାବଜାର ଏବଂ ଆଇସକ୍ରିମ୍, ଚଟପଟିର ମଜା ନେଉଛନ୍ତି ଦର୍ଶକ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବ୍ୟାଙ୍କ୍ ଅଫ ଇଣ୍ଡିଆ ଶାଖା ପରିଚାଳକ ଆଲୋକ ଶତପଥି, ସମ୍ମାନୀତ ଅତିଥି ଭାବେ ସମାଜସେବୀ ଡ.ରତିକାନ୍ତ ବରାଳ, ସ୍ଥାନିୟ ସରପଞ୍ଚ ପ୍ରିୟବ୍ରତ ବରାଳ, ସମିତି ସଭ୍ୟା ଖୁଲଣା ସେଠୀ ପ୍ରମୁଖ ରଜ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ରଜ ମହୋତ୍ସବ ସ୍ଥାନୀୟ ଅଞ୍ଚଳର ଲୋକକଳା ଓ ସଂସ୍କୃତିକୁ ଦିଗଦର୍ଶନ ଦେବା ସହ ଭାଇଚାରା ସମ୍ପର୍କକୁ ଆହୁରି ନିବିଡ କରି ରଖିଛି ବୋଲି କହିଥିଲେ। ରଜ ଉତ୍ସବରେ କୁମାରୀ କନ୍ୟା ସହ ମହିଳା ମାନେ ରଜଦୋଳିର ଭରପୁର ମଜା ନେବାସହ ବିଭିନ୍ନ ଖେଳ କୁଦରେ ମସଗୁଲ ରହି ଏହାର ଭରପୁର ଫାଇଦା ଉଠାଇଥିଲେ। ରଜ କମିଟି ପକ୍ଷରୁ କୁମାରୀ କନ୍ୟା ଏବଂ ବିବାହିତ ମହିଳାମାନଙ୍କ ପାଇଁ ମ୍ୟୁଜିକ ଚେୟାର ପ୍ରତିଯୋଗିତା ସହ ସଂଧ୍ୟାରେ, ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଅନେକ ଦର୍ଶକ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମର ଭରପୁର ମଜା ନେଉଛନ୍ତି। ଆସନ୍ତାକାଲି ପାରମ୍ପରିକ ହୁଳୁହୁଳି ଏବଂ ଶଙ୍ଖଫୁଙ୍କା ପ୍ରତିଯୋଗିତା ଏବଂ ମୁରୁଜ ପ୍ରତିଯୋଗିତା ସହ ରଜ ସୁନ୍ଦରୀ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି।

**ମ୍ୟୁଜିକ ଚେୟାର ସହ ପୁଚି ଖେଳିଲେ ମହିଳା**



ଯୋଡ଼ା ବ୍ଲକ ରଘୁଆଳ ସାହିରେ ରଜ ଦୋଳିରେ ଜମୁଛି ଭିଡ଼ (ଫଟୋ-ନାରଦପୁର)

## ପାନ୍ଥନିବାସରେ ଭଳିକି ଭଳି ପିଠାର ଆସର

**କେନ୍ଦୁଝର, ୧୪।୬ (ସମିସ):** କେନ୍ଦୁଝର ସହର ନିକଟ ଜୁଡ଼ିଆଠାରେ ଥିବା ପାନ୍ଥ ନିବାସରେ କେନ୍ଦୁଝରର ପ୍ରସିଦ୍ଧ ରଜ ପର୍ବ ଅବସରରେ ରଜ ସ୍ପେଶାଲ ପିଠା, ରଜପନ, ମହେନ୍ଦୀ ଓ ଦୋଳିରେ ବ୍ୟବସ୍ଥା କରାଯାଇଥିବା ବେଳେ ଅନ୍ତେବାସୀ ମାନେ ଏହାର ଭରପୁର ମଜା ଉଠାଇଛନ୍ତି। ରଜ ସ୍ପେଶାଲରେ ବିଶେଷ କରି ପୋଡ଼ ପିଠା, କାକେରା ପିଠା, ଭଜା ମଣ୍ଡା ପିଠା, ଆରିସା ପିଠା, ସିଝା ପୁର ମଣ୍ଡା ପିଠା, ଲବଙ୍ଗଲତା, କ୍ଷୀରପିଠା, ରଜପାନ ଆକର୍ଷଣୀୟ ହୋଇଛି। ଏଭଳି ରଜ ସ୍ପେଶାଲ ତିନିଦିନ ପର୍ଯ୍ୟନ୍ତ ଚଳିବ ବୋଲି ପାନ୍ଥନିବାସ ପରିଚାଳକ କହିଛନ୍ତି।






## କଣ୍ଟେନର ଓ ବଲେରୋ ଜବତ | ଚାଲାଣ ହେଉଥିବା ୨୮ ଗୋରୁ ଉଦ୍ଧାର

**ଆନନ୍ଦପୁର,୧୪।୬(ସମିସ):** ଆନନ୍ଦପୁର ଥାନା ଅନ୍ତର୍ଗତ ତରତରା ଛକ ନିକଟରେ ବେଆଇନ ଭାବେ ଗୋରୁ ଚାଲାଣ କରୁଥିବା ବେଳେ ଗୋଟିଏ କଣ୍ଟେନର ଟ୍ରକ୍‌କୁ ଆନନ୍ଦପୁର ପୁଲିସ ଜବତ କରିଛି। ଏହି ଗୋରୁ ଚାଲାଣ କାରବାରରେ ପିଛା କରୁଥିବା ଏକ ବଲେରୋକୁ କାବୁ କରିବା ସହିତ ସେମାନଙ୍କଠାରୁ ଦୁଇଟି ମୋବାଇଲ ଜବତ କରି ପୁଲିସ ସବିଶେଷ ତଦନ୍ତ ଚଳାଇଥିବା ଜଣାଯାଇଛି। ମିଳିଥିବା ସୂଚନାନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରୁ ଗାଈଗୋରୁ ସଂଗ୍ରହ କରିବା ପରେ ଆନନ୍ଦପୁରରୁ ପଶ୍ଚିମବଙ୍ଗକୁ ନିୟମିତ ଗୋରୁ ଚାଲାଣ ହେଉଥିଲା। ଆନନ୍ଦପୁର ପୁଲିସ ଏବେ ଏହି ବେଆଇନ କାରବାର ଉପରେ ଧରପଗଡ଼ ଆରମ୍ଭ କରିଥିବା ଜଣାଯାଇଛି। ଆନନ୍ଦପୁର ପୁଲିସ ତରତରା ଛକ ନିକଟରୁ ଜବତ କରିଥିବା ଏହି କଣ୍ଟେନରରୁ ୨୮ଟି ଗୋରୁ ଉଦ୍ଧାର କରିଥିବା ଜଣାଯାଇଛି।



ତେବେ ଘଟଣାସ୍ଥଳରୁ ଗୋରୁ ବ୍ୟବସାୟୀମାନେ ଫେରାର ହୋଇଯାଇଥିବା ବେଳେ ପୁଲିସ ପକ୍ଷରୁ ଜବତ ହୋଇଥିବା ଗାଡିକୁ ଥାନାକୁ ଅଣାଯାଇଛି। ଏନେଇ ଆନନ୍ଦପୁର ଥାନା ପକ୍ଷରୁ କେସ୍ ନଂ ୧୯୫/୨୪ରେ ଏକ ମାମଲା ରୁଜୁ କରାଯାଇଛି। ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ସଂପୃକ୍ତ ଗୋଚାଲାଣ କରୁଥିବା ମାଫିଆମାନଙ୍କୁ ଧରିବା ନିମନ୍ତେ ତଦନ୍ତ ଜାରି ରଖିଛନ୍ତି। ସମସ୍ତ ୨୮ଟି ଗୋରୁ ବାଲେଶ୍ୱର ଗୋଶାଳାକୁ ପଠାଯାଇଥିବା ଜଣାଯାଇଛି।

## ୟୁନିୟନ୍ ବ୍ୟାଙ୍କ୍‌ରେ ବନ୍ଧକ ସୁନା ହେରଫେର; ୨ ନିଲମ୍ବିତ

**ଯୋଡା,୧୪।୬ (ସମିସ):** ଯୋଡା ମାର୍କେଟରେ ଥିବା ୟୁନିୟନ ବ୍ୟାଙ୍କ୍‌ରେ ଋଣ ସୁନା ହେରଫେର ଘଟଣାରେ ଦୁଇ ଅଧିକାରୀ ନିଲମ୍ବିତ ହୋଇଥିବା ଖବର ଯୋଡା ସହରରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ନିର୍ଭର ଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ନିର୍ଦ୍ଦିଷ୍ଟ ବ୍ୟାଙ୍କ୍‌ରେ ଗ୍ରାହକମାନେ ସୁନା ବନ୍ଧକ ଦେଇ ସୁନା ମୂଲ୍ୟର ଋଣ ନେଇଥାଆନ୍ତି। ଏହି ସୁନା ବନ୍ଧକ ସମୟରେ ସୁନାର ମାନ ଓ ମୂଲ୍ୟ ନିରୂପଣ ପାଇଁ ବ୍ୟାଙ୍କ୍ ପକ୍ଷରୁ ସ୍ୱୀକୃତିପ୍ରାପ୍ତ ସ୍ଥାନୀୟ ବଣିଆକୁ ଉକ୍ତ କାର୍ଯ୍ୟରେ ନିୟୋଜିତ କରାଯାଇଥାଏ। ଏହି କ୍ଷେତ୍ରରେ ବଣିଆ ଭାବେ ନିଯୁକ୍ତ ହୋଇଥିବା ବଣିଆ ଜଣକ ନକଲି ସୁନାକୁ ଅସଲ ସୁନା ଦର୍ଶାଇ ଚଞ୍ଚକତା ପୂର୍ବକ କୋଟି କୋଟି ଟଙ୍କାର ହେରଫେର କରିଥିବା ଜଣାପଡିଛି। ଏହି କାର୍ଯ୍ୟରେ ବ୍ୟାଙ୍କ୍‌ର ଶାଖା ପରିଚାଳକ ଓ ଅନ୍ୟ ଜଣେ ବ୍ୟାଙ୍କ୍ ଅଧିକାରୀ ସଂପୃକ୍ତ ଥିବା ସନ୍ଦେହ କରାଯାଉଥିବା ବେଳେ ଏ ନେଇ ବ୍ୟାଙ୍କ୍‌ର ଜନୈକ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଅଡିଟ ଆସିବା ସମୟରେ ସୁନାର ମାନ ଯାଞ୍ଚ ହୋଇଥିଲା। ଏହି ଯାଞ୍ଚ ପରେ ପ୍ରାୟ ୧୦୦ଟି ପ୍ୟାକେଟରେ ନକଲି ସୁନା ଥିବା ଯାଞ୍ଚ ଅଧିକାରୀମାନେ ଜାଣିବାକୁ ପାଇଥିଲେ। ଏହି ଘଟଣା ଜଣାପଡିବା ପରେ ସଂପୃକ୍ତ ବ୍ୟାଙ୍କ୍‌ର ଦୁଇ ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିଲା। ଏହି ନିଲମ୍ବନ ଆଦେଶ ସେଣ୍ଟ୍ରାଲ ଅଫିସରୁ ଆସିଥିବା ବ୍ୟାଙ୍କ୍ କର୍ମଚାରୀ ଜଣକ ସୂଚନା ଦେଇଥିଲେ। ସୁନାର ଯାଞ୍ଚ ପ୍ରକ୍ରିୟାକୁ ସିସିଟିଭି ଦ୍ୱାରା ରେକର୍ଡିଂ କରାଯାଇଥାଏ। ଏହାକୁ ଯାଞ୍ଚ ଅଧିକାରୀମାନେ ତନ୍ନତନ୍ନ କରି ଯାଞ୍ଚ କରିଥିଲେ। ସଂପୃକ୍ତ ବ୍ୟାଙ୍କ୍ ବାରମ୍ବାର ବଣିଆ ବଦଳାଇବା ମଧ୍ୟ ସନ୍ଦେହ ଘେରକୁ ଆସିଛି। ଯୋଡା ସହରର ଦୁଇ ଜଣ ପ୍ରତିଷ୍ଠିତ ସୁନା ଦୋକାନର ବଣିଆ ଋଣ ପାଇଁ ଜମା ହେଉଥିବା ସୁନାର ମାନ ଯାଞ୍ଚ କରିଥାନ୍ତି। ଏଣୁ ଏମାନଙ୍କର ଭୂମିକା ସନ୍ଦେହ ଘେରକୁ ଆସୁଛି। ସୂଚନା ଯୋଗ୍ୟ ଯେ, ଅତୀତରେ ଏହିପରି ହେରଫେର ଧରା ପଡ଼ିବା ହେତୁ ଯୋଡା ସହରର ଜଣେ ବଣିଆକୁ ବ୍ୟାଙ୍କ୍ ପରିବର୍ତ୍ତନ କରିଥିଲା। ଏହି ବଣିଆ ନିଯୁକ୍ତ ପ୍ରକ୍ରିୟା ରିଜିଓନାଲ ଅଫିସରୁ ହୋଇଥାଏ। ତଦନ୍ତ ପାଇଁ ବାଲେଶ୍ୱରରୁ ଏକ ଟିମ୍ ଆସି ସଂପୃକ୍ତ ବ୍ୟାଙ୍କ୍‌ର ତଦନ୍ତ ଚଳାଇଛି। ଏ ନେଇ ସଂପୃକ୍ତ ବ୍ୟାଙ୍କ୍‌ର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଏହି ଘଟଣାଟିକୁ ଅତ୍ୟନ୍ତ ଗୋପନ ରଖାଯାଇଛି।

## ଝଡ଼ତୋଫାନରେ କୃଷ୍ଣଚନ୍ଦ୍ରଙ୍କ ଘର ଭାଙ୍ଗିଲା

**ଆନନ୍ଦପୁର,୧୪।୬(ସମିସ)**

ଗତକାଲି ସନ୍ଧ୍ୟା ସମୟରେ ହଠାତ ଝଡ଼ ତୋଫାନ ହୋଇଥିଲା। ଏଥିରେ ଘସିପୁରା ବ୍ଲକ ଭଣ୍ଡାରିଡିହା ପଞ୍ଚାୟତର ପଦନପୁର ଗ୍ରାମର କୃଷ୍ଣଚନ୍ଦ୍ର ମହାରଣାଙ୍କ ଘର ଉପରେ ତାଳ ଗଛ ଭାଙ୍ଗିପଡି ପଡିଥିଲା। ଯାହାଫଳରେ ଘରଭାଙ୍ଗି ଯାଇଛି। ତେବେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ପରିବାର ଲୋକେ। କୃଷ୍ଣଚନ୍ଦ୍ର ଜଣେ ଦିନ ମଜୁରିଆ; ବହୁ କଷ୍ଟରେ ଧାର ଉଧାର କରି ଘରଟିଏ ତିଆରି କରିଥିଲେ। ଶେଷରେ ଅଦିନିଆ ଝଡ଼ ସାଜିଲା କାଳ। ସରକାରଙ୍କ ତରଫରୁ ସହାୟତା ପାଇଁ ଗୁହାରି କରିଛନ୍ତି ପରିବାର ଲୋକେ। ଏ ଖବର ପାଇବା ପରେ ଖାଳିଆବେଣ୍ଟା ଆର୍‌ଆଇ ଶୁଭସ୍ୱପ୍ନା ପଣ୍ଡା ଗୋଟିଏ ପଲିଥିନ ସହାୟତା କରିଛନ୍ତି।



## ଭ୍ରାମ୍ୟମାଣ ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ

**କେନ୍ଦୁଝର, ୧୪।୬ (ସମିସ):** କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗେଲ୍ ଇଣ୍ଡିଆ ତରଫରୁ ଏକ ଅତ୍ୟାଧୁନିକ ଭ୍ରମ୍ୟମାଣ ଚିକିତ୍ସା ସେବା ଆମ୍ବୁଲାନ୍ସ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦୁଝରର ସାଂସଦ ଅନନ୍ତ ନାୟକ ଏହି ଅତ୍ୟାଧୁନିକ ଆମ୍ବୁଲାନ୍ସକୁ ଉଦ୍‌ଘାଟନ କରିଛନ୍ତି। ଏହି ଆମ୍ବୁଲାନ୍ସ କେନ୍ଦୁଝର ଜିଲ୍ଲାରେ ଅପହଞ୍ଚ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ସହାୟକ ହେବ ବୋଲି ଏହି ଅବସରରେ ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ। ଆମ୍ବୁଲାନ୍ସରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ ଓ ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ ନିୟୋଜିତ ରହିବେ। ଉକ୍ତ ଭ୍ରାମ୍ୟମାଣ ଆମ୍ବୁଲାନ୍ସରେ ଓପିଡି ସେବା ବ୍ୟବସ୍ଥା ରହିଥିବା ବେଳେ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଆବଶ୍ୟକୀୟ ପରୀକ୍ଷା ନୀରିକ୍ଷା ସହ ଆବଶ୍ୟକୀୟ ଔଷଧ ଉପଲବ୍ଧ ରହିଥିବା ନିୟୋଜିତ ଡାକ୍ତର ବ୍ରିଜେଶ ସିଂ ପ୍ରକାଶ କରିଛନ୍ତି। ଜିଲ୍ଲାର ଅପହଞ୍ଚ ଗ୍ରାମମାନଙ୍କୁ ଏହି ଯାନ ଯାଇ ଲୋକଙ୍କ ଘର ପାଖରେ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି କୁହାଯାଏ। ଏହି ଭ୍ରାମ୍ୟମାଣ ଆମ୍ବୁଲାନ୍ସର ଉପଯୋଗିତାକୁ ଉପଲବ୍‌ଧି କରି ଆଗାମୀ ଦିନରେ ଅଧିକ ସଂଖ୍ୟାରେ ଏହିଭଳି ଅତ୍ୟାଧୁନିକ ଆମ୍ବୁଲାନ୍ସ ଯୋଗାଇ ଦିଆଯିବାର ବ୍ୟବସ୍ଥା ହେବ ବୋଲି ସାଂସଦ ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ଏହି ଉଦ୍‌ଘାଟନ ଅବସରରେ ବିଜେପି ନେତ୍ରୀ କିରଣବାଳା ନାୟକ, ବିଶ୍ୱଜିତ ବ୍ରହ୍ମ, ଦେବରାଜ ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବୀ ବଳଭଦ୍ର ନନ୍ଦଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।



